بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: ୪

ସମ୍ପାଦକ:

କମୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ

# ବଦର୍

Weekly

କାଦିଆନ

BADAR

Qadian

Odia

ସଂଖ୍ୟା: 49

ବାର୍ଷିକ ଦେୟ : ୬୦୦/-

www.akhbarbadr.in

22 ଜମାଦିଉଲ୍ ଅୱଲ୍ 1445 ହି.କ, 7 ଫତହ 1402 ହି.ଶ 7 DEC 2023 ମସିହା

**ଅଲ୍ଲାଃତାଲାଙ୍କ ବାଣୀ**

وَمَنۡ اَظۡلَمُ مِمَّنِ افۡتَرٰی عَلَی اللّٰہِ کَذِبًا اَوۡ کَذَّبَ بِاٰیٰتِہٖ ؕ اِنَّہٗ لَا یُفۡلِحُ الظّٰلِمُوۡنَ

**(ଅଲ୍ ଅନଆମ୍-22)**

ଅନୁବାଦ : ଏବଂ ଯେ, ଅଲ୍ଲାଃତାଲାଙ୍କ ପ୍ରତି ମିଥ୍ୟା ରଚନା କରେ ବା ତାହାଙ୍କର ନିଦର୍ଶନଗୁଡ଼ିକ ପ୍ରତି ମିଥ୍ୟା ଆରୋପ କରେ ତାହାଠାରୁ ଅଧିକ ଅତ୍ୟାଚାରୀ ଆଉ କିଏ ବା ହୋଇପାରେ ? ବାସ୍ତବରେ ଅତ୍ୟାଚାରୀମାନେ କଦାପି ସଫଳ ହେବେ ନାହିଁ ।

**ଅହମଦିୟା ଖବର**

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନି ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ହୁଜୁର ଅନୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହାୟକ ହୁଅନ୍ତୁ ।

## ନବୀ ସ.ଅଙ୍କ ବାଣୀ

**(2476)** ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି, ରସୁଲୁଲ୍ଲାଃ (ଅଲ୍ଲାଃତାଲାଙ୍କ ବାର୍ତ୍ତାବହ) କହିଲେ: ? ଯେପର୍ଯ୍ୟନ୍ତ ହ. ଇସା ଅ.ସ ତୁମମାନଙ୍କ ମଧ୍ୟରେ ନ୍ୟାୟକର୍ତ୍ତା ତଥା ବିଚାରକ ହୋଇ ଆସି ଯାଇ ନାହାନ୍ତି ସେପର୍ଯ୍ୟନ୍ତ ସେହି ସମୟଟି (ପ୍ରଳୟ ଦିବସ) ଆସିବ ନାହିଁ । ହ. ଇସା ଅ.ସ କ୍ରୁଶକୁ ଭାଙ୍ଗିବେ, ଶୁକର (ଘୁଷୁରି)ମାନଙ୍କର ବଧ କରିବେ ଓ ଯିଜୟା( ସୁରକ୍ଷା ବଦଳରେ ମୁସଲମାନ ଶାସକମାନଙ୍କ ଦ୍ୱାରା ଅଣମୁସଲମାନମାନଙ୍କ ଉପରେ ଧାର୍ଯ୍ୟ କର)କୁ ଉଚ୍ଛେଦ କରିଦେବେ । ଧନ ଏତେ ବିପୁଳ ପରିମାଣରେ ଥିବ ଯେ, କୌଣସି ବ୍ୟକ୍ତି ତାହାକୁ ସ୍ୱୀକାର କରିବ ନାହିଁ ।

**(ବ୍ୟାଖ୍ୟା)** ହ. ସୟେଦ୍ ଜୈନୁଲ୍ ଆବିଦିନ୍ ୱଲିଉଲ୍ଲାଃ ଶାହ୍ ସାହେବ ର.ଅ କୁହନ୍ତି ଉକ୍ତ ହଦିସ୍‌ଟି ଏକ ମହାନ ଭବିଷ୍ୟବାଣୀ ଉପରେ ଆଧାରିତ ଅଟେ । ତହିଁରୁ କ୍ରୁଶ ଭାଙ୍ଗିବା, ଶୁକରର ବଧ କରିବାର ଔଚିତ୍ୟତା ସିଦ୍ଧ ହେଉ ନାହିଁ ।

**(2477)** ହ. ସଲ୍‌ମା ବିନ୍ ଅକ୍‌ୱା ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ଖୈବର୍ ଯୁଦ୍ଧରେ ଅଗ୍ନି ଦେଖିଲେ ସେହି ଅଗ୍ନିକୁ ପ୍ରଜ୍ୱଳନ ବା ଦଗ୍ଧ କରାଯାଉଥିଲା। ଆପଣ ସ.ଅ ପ୍ରଶ୍ନ କଲେ: ଏହି ଅଗ୍ନିକୁ କେଉଁ କାମ ପାଇଁ ପ୍ରଜ୍ୱଳିତ (ଦଗ୍ଧୀଭୂତ) କରାଯାଉଛି ? ଲୋକମାନେ (ସାହାବାମାନେ) କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ପ୍ରାୟତଃ ଉକ୍ତ ଅଗ୍ନୀ ଦ୍ୱାରା ଗୃହ ପାଳିତ ଗଧର ମାଂସ ରନ୍ଧା ହେଉଛି । ଆପଣ ସ.ଅ କହିଲେ, ସେହି ହାଣ୍ଡିଗୁଡ଼ିକୁ ଭାଙ୍ଗିଦିଅ (ଅର୍ଥାତ ହାଣ୍ଡି ମଧ୍ୟରେ ଯେଉଁ ସବୁ ଖାଦ୍ୟ ପଦାର୍ଥ ରହିଛି) ଓ ହାଣ୍ଡିଗୁଡ଼ିକୁ ଓଲଟାଇ ଦିଅ । ସେମାନେ (ସାହାବାମାନେ) କହିଲେ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ସେହି ହାଣ୍ଡିକୁ ଭାଙ୍ଗିବା ପରିବର୍ତ୍ତେ ତାହାକୁ ଓଲଟାଇ ଧୋଇ ନେଉଛୁ । ଆପଣ ସ.ଅ କହିଲେ, ହଉ ଠିକ୍ ଅଛି ଧୋଇ ନିଅ ।

**(ସହିଉଲ୍ ବୁଖାରୀ, ଗ୍ରନ୍ଥ ଖଣ୍ଡ-4, କିତାବୁଲ୍ ମଜାଲିମି, ପ୍ରକାଶନ ବର୍ଷ 2008 ମସିହା, କାଦିଆନ୍)**

☆ ☆ ☆

## ପ୍ରତିଶ୍ରୁତ ମସିହ୍ ଅ.ସଙ୍କ ନିତୀବାଣୀ:-

**ମନେରଖ ! ବିଶ୍ୱାସ ଏକ ରହସ୍ୟ ଅଟେ । ଯାହାକି ବିଶ୍ୱାସକାରୀ ଓ ଅଲ୍ଲାଃତାଲାଙ୍କ ମଧ୍ୟରେ ହୋଇଥାଏ ଏବଂ ଏହି ବିଶ୍ୱାସକୁ ବିଶ୍ୱାସକାରୀ ବ୍ୟତୀତ ଅନ୍ୟ କୌଣସି ପ୍ରାଣୀ ଅନୁଭବ କରିପାରିବ ନାହିଁ କି ଜାଣି ମଧ୍ୟ ପାରିବ ନାହିଁ ।**

---

**ମୁଁ ଚାହୁଁଛି ଯେ, ସାହାବାମାନଙ୍କର ଅଲ୍ଲାଃତାଲାଙ୍କ ଯେପରି ରହସ୍ୟାଚ୍ଛନ୍ନ ବା ରହସ୍ୟମୟ ସଂପର୍କ ସହିତ ଥିଲା ଠିକ୍ ସେହିପରି ମୋର ବନ୍ଧୁମାନେ (ଜମାଅତର ସଦସ୍ୟବୃନ୍ଦ) ମଧ୍ୟ ଅଲ୍ଲାଃତାଲାଙ୍କ ସହିତ ନିଜର ଏହି ରହସ୍ୟମୟ ସଂପର୍କ ସ୍ଥାପନ କରନ୍ତୁ ।**

ବିଶ୍ୱାସକାରୀ ପକ୍ଷେ ଏହା ଅନିର୍ବାର୍ଯ୍ୟ ଯେ, ସେ ସେହି ସମୟ ପର୍ଯ୍ୟନ୍ତ ଉପାସନା କରିବାରୁ କ୍ଳାନ୍ତ ନହେଉ ଯେପର୍ଯ୍ୟନ୍ତ ଏହି ଅସତ୍ୟ ଜୀବନ ଭସ୍ମୀଭୂତ ହୋଇଯାଇ ନାହିଁ ଏବଂ ଏହା ସ୍ଥାନରେ ନୂତନ ଜୀବନ ଯାହାକି ସାର୍ବକାଳୀନ, ଆଶ୍ୱସ୍ତି ପ୍ରଦାନକାରୀ ଜୀବନ ଆରମ୍ଭ ହୋଇଯାଇ ନାହିଁ । ଯେପର୍ଯ୍ୟନ୍ତ ସେହି ସାମୟିକ ଜୀବନ ସଂସାରର ଅଶାନ୍ତି ଓ ଜ୍ୱଳନ ଦୂରୀଭୂତ ହୋଇ ବିଶ୍ୱାସରେ ଏକ ଆନନ୍ଦ ଏବଂ ଆତ୍ମାରେ ଏକ ଶାନ୍ତି ଏବଂ ବିଶ୍ରାମ ସୃଷ୍ଟି ହୋଇଯାଇ ନାହିଁ, ନିଃସନ୍ଦେହ ରୁପେ ଏହା ବୁଝ ଯେ, ଯେପର୍ଯ୍ୟନ୍ତ ମନୁଷ୍ୟ ଉକ୍ତ ଅବସ୍ଥା ପର୍ଯ୍ୟନ୍ତ ପହଞ୍ଚି ଯାଇ ନାହିଁ ସେପର୍ଯ୍ୟନ୍ତ ପୂର୍ଣ୍ଣ ବିଶ୍ୱାସ ଆଉ ସଂଶୋଧିତ ହୋଇ ନଥାଏ । ଅତଃ ଅଲ୍ଲାଃତାଲା ଏଠାରେ କହିଲେ ଯେ, ଯେପର୍ଯ୍ୟନ୍ତ ତୁମ୍ଭେ ପୂର୍ଣ୍ଣ ବିଶ୍ୱାସର ସ୍ତର ପ୍ରାପ୍ତ କରିନେଇ ନାହଁ ସେପର୍ଯ୍ୟନ୍ତ ତୁମ୍ଭେ ଉପାସନା କରୁଥାଅ । ସମସ୍ତ ପରଦା ଓ ଅନ୍ଧକାରମୂଳକ ପରଦା ଦୂରୀଭୂତ ହୋଇ ଏହା ବୁଝା ପଡ଼ିଯାଇ ନାହିଁ ଯେ, ମୁଁ ବର୍ତ୍ତମାନ ସେହି ବ୍ୟକ୍ତି ନୁହେଁ ଯିଏ ପୂର୍ବେ ଥିଲା । ବରଂ ବର୍ତ୍ତମାନ ତ' ସଂସାର, ନୂତନ ଭୂମି, ନୂତନ ଆକାଶ ରହିଛି ଏବଂ ମୁଁ ମଧ୍ୟ କୌଣସି ନୂତନ ଜୀବ ଅଟେ । ଏହି ଦ୍ୱିତୀୟ ଜୀବନ ହେଉଛି ସେହି ଜୀବନ ଯାହାକୁ ସାଧୁ ସନ୍ଥମାନେ ସ୍ଥାୟୀତ୍ୱତା ବା ଅବିନଶ୍ୱରତା ନାମରେ ନାମିତ କରିଥାଆନ୍ତି । ମନୁଷ୍ୟ ଯେତେବେଳେ ଏହି ସ୍ତର ପର୍ଯ୍ୟନ୍ତ ଉପନୀତ ହୋଇଯାଇଥାଏ ସେତେବେଳେ ଅଲ୍ଲାଃତାଲାଙ୍କର ଆତ୍ମାର (ପ୍ରାଣ) ସଂଚାର ସେହି ବ୍ୟକ୍ତି ଠାରେ ହିଁ ହୋଇଥାଏ । ଈଶ୍ୱରଦୂତ ସେହି ବ୍ୟକ୍ତି ଉପରେ ହିଁ ଅବତୀର୍ଣ୍ଣ ହୋଇଥାନ୍ତି । ଏହା ହେଉଛି ସେହି ରହସ୍ୟ ଯାହା ସଂପର୍କରେ ଈଶ୍ୱରଙ୍କ ବାର୍ତ୍ତାବହ ଆଁହଜରତ ସ.ଅ ହ. ଅବୁ ବକର ର.ଅଙ୍କ ସଂପର୍କରେ କହିଲେ, ଯଦି କୌଣସି ବ୍ୟକ୍ତି ଏହି ଇଚ୍ଛା ପ୍ରକାଶର ଯେ, ମୃତ ବ୍ୟକ୍ତି ଭୂମି ଉପରେ ଚାଲୁଥିବାର ଅବଲୋକନ କରୁ ତେବେ ସେ ଅବୁ ର.ଅଙ୍କୁ ଦେଖିନେଉ । ହ. ଅବୁ ବକର ର.ଅଙ୍କ ସ୍ତର ବାହ୍ୟିକ କର୍ମ ଯୋଗୁଁ ନୁହେଁ ବରଂ ସେହି କଥାରୁ ଯାହାକି ତାହାଙ୍କ ମନ ମଧ୍ୟରେ ରିହଛି ।

ମନେରଖ ବିଶ୍ୱାସ ଏକ ରହସ୍ୟ ହୋଇଥାଏ ଯାହାକି ବିଶ୍ୱାସକାରୀ ଓ ଅଲ୍ଲାଃତାଲାଙ୍କ ମଧ୍ୟରେ ହୋଇଥାଏ । ତେଣୁ ଏହି ବିଶ୍ୱାସକୁ ପ୍ରାଣୀମାନଙ୍କ ମଧ୍ୟରୁ ବିଶ୍ୱାସକାରୀ ବ୍ୟତୀତ ଅନ୍ୟ କେହି ବି ହୃଦୟଙ୍ଗମ ଓ ଉପଲବ୍ଧି କରିପାରିବ ନାହିଁ । اَوۡلِیَآءِیۡ تَحۡتَ قَبَآءِیۡ ର ବାସ୍ତବତା ଏହି ହିଁ । ବେଳେବେଳେ ସେହି ବ୍ୟକ୍ତିମାନେ ଯେଉଁମାନେ ସତ୍ୟଜ୍ଞାନ ଓ ଐଶୀ ପରିଚୟରୁ ଉପକୃତ ହୁଅନ୍ତୁ ନାହିଁ, କୌଣସି ବିଶ୍ୱାସକାରୀ ତତ୍‌ସଂପର୍କର ଜ୍ଞାନାଭାବ ହେତୁ ଯାହାକି ଅଲ୍ଲାତାଲାଙ୍କ ସହିତ ସେହି

ବ୍ୟକ୍ତିର ହୋଇଥାଏ ତା'ର କେତେକ ଅବସ୍ଥା ଉଦାହରଣ ସ୍ୱରୂପ ରିଜକ୍ (ବୃତ୍ତି), ଜୀବିକା ସଂକ୍ରାନ୍ତରେ ଆଶ୍ଚର୍ଯ୍ୟ ଭାବ ପ୍ରକାଶ କରିଥାନ୍ତି ତ' ଆଉ କେତେବେଳେ ଏହି ଆଶ୍ଚର୍ଯ୍ୟଭାବ ସେମାନଙ୍କୁ କୁଧାରଣା ଏବଂ ବିଚ୍ୟୁତତା ପର୍ଯ୍ୟନ୍ତ ନେଇ ଯାଇଥାଏ । ତାହା ଏଇଥିପାଇଁ ଯେ, ସେମାନଙ୍କର ଦୃଷ୍ଟି ନିଜର ସୀମିତ ସାଧନ ଉପରେ ହିଁ ହୋଇଥାଏ । ସେମାନେ ସେହି ଗୁପ୍ତ ରହସ୍ୟ ଠାରୁ ଯାହାକି ଅଲ୍ଲାଃତାଲାଙ୍କ ସହିତ ବିଜଡ଼ିତ ଅଟେ ତହିଁରୁ ସେମାନେ ଅନବଗତ ଥାଆନ୍ତି । ମୁଁ ଚାହୁଁଛି ଯେ, ମୋର ବନ୍ଧୁ (ଜମାଅତର ସଦସ୍ୟବୃନ୍ଦ), ସାଙ୍ଗସାଥିମାନେ ଅଲ୍ଲାଃତାଲାଙ୍କ ସହିତ ନିଜର ସେହି ରହସ୍ୟମୟ ସଂପର୍କକୁ ଏପରି ସ୍ଥାପନ କରନ୍ତୁ ଯେପରି ସଂପର୍କ ସାହାବାମାନେ ଅଲ୍ଲାଃତାଲାଙ୍କ ସ୍ଥାପନ କରିଥିଲେ । **(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-1, ପୃ-499, ପ୍ରକାଶନ ସ୍ଥାନ- କାଦିଆନ୍, 2018 ମସିହା)**

☆ ☆☆

**ମେଦ୍ ଓ ପାରସ୍ୟ (ଇରାନ୍) ସମ୍ରାଟ ଖୋରସ୍ (Cyrus)କୁ ଅଲ୍ଲାଃତାଲା ଜୁଲ୍‌କର୍ନୈନ୍ ନାମରେ ଅଭିହିତ କରିଛନ୍ତି ।**

**ଉକ୍ତ ସମ୍ରାଟ ଜଣକ ପବିତ୍ର କୁରଆନ୍ କରୀମରେ ବର୍ଣ୍ଣିତ ହୋଇଥିବା ବିଶେଷ ଗୁଣାବଳୀର ଅଧିକାରୀ ଓ ୟସିୟାହ୍ ନବୀର ବାଣୀରୁ ମଧ୍ୟ ଉକ୍ତ ପ୍ରସଙ୍ଗର ସମର୍ଥନ ହୋଇଥାଏ ।**

**ଜୁଲ୍‌କର୍ନୈନ୍ ସଂକ୍ରାନ୍ତରେ ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ଗବେଷଣା ।**

ହ. ସୟେଦିନା ହ. ମୁସ୍‌ଲେହ୍ ମଉଦ୍.ର.ଅ ସୁରାଃ ଅଲ୍ କହଫ୍‌ର ଆୟତ୍ ନଂ84-ର وَيَسْـَٔلُوْنَكَ عَنْ ذِي الْقَرْنَيْنِ ବ୍ୟାଖ୍ୟା କରି କୁହନ୍ତି: ବର୍ତ୍ତମାନ ମୁଁ ଜୁଲ୍ କର୍ନୈନ୍ ସଂପର୍କରେ ନିଜର ଗବେଷଣା ବର୍ଣ୍ଣନା କରିଦେଉଛି । ମୁଁ ଉପରେ କହି ଆସିଛି ଯେ, ପୂର୍ବ ବ୍ୟାଖ୍ୟାକାରମାନଙ୍କର ଓ ଇଉରୋପୀୟ ଗବେଷକମାନଙ୍କର ଯେପରି ଚିନ୍ତାଧାର ରହିଛି । ଯେପରିକି ଜମାଅତ୍ ଅହେମଦିୟାର ପ୍ରଥମ ଖଲିଫା ହ. ମୌଲବୀ ନୁରୁଦ୍ଦୀନ ସାହେବ ର.ଅ ବର୍ଣ୍ଣନା କରି କୁହନ୍ତି: "ମୋ ନିକଟରେ ମଧ୍ୟ ଜୁଲ୍ କର୍ନୈନ୍ ଇରାନୀୟ ସମ୍ରାଟ୍‌ମାନଙ୍କ ମଧ୍ୟରୁ କୌଣସି ଜଣେ ସମ୍ରାଟର ନାମ ଅଟେ । ହ. ମୌଲବୀ ସାହେବ ର.ଅ ସେହି ସମ୍ରାଟର ନାମ କୈକ୍‌ବାଦ୍ ବୋଲି କହିଥିଲେ । କେତେକ ଲୋକମାନେ ଆପଣ ର.ଅଙ୍କ ଏହି ଗବେଷଣରେ ଏହି ପାର୍ଥକ୍ୟ ଦର୍ଶାଇଛନ୍ତି ଯେ, ଉକ୍ତ ସମ୍ରାଟ୍‌କୁ ଦାରାଏ (ସମ୍ରାଟ ବା ନରେଶ) ପ୍ରଥମ ବୋଲି ବିବେଚିତ କରାଯାଇଛି । କିନ୍ତୁ ମୋ ନିକଟରେ ଆମମାନଙ୍କୁ ସର୍ବପ୍ରଥମେ ସେହି ସର୍ତ୍ତାବଳୀଗୁଡ଼ିକୁ ଦେଖିବା ଉଚିତ୍ ଯାହାକି ପବିତ୍ର କୁରଆନ୍ କରୀମରେ ବର୍ଣ୍ଣିତ ହୋଇଛି ଏବଂ ପୁନଶ୍ଚ ସେହି ସମ୍ରାଟ୍‌କୁ ଚିହ୍ନଟ ମଧ୍ୟ କରିବା ଉଚିତ୍ । ପବିତ୍ର କୁରଆନ୍ କରୀମ୍‌ରୁ ଜ୍ଞାତ ହୁଏ ଯେ, **(1)**ଜୁଲ୍ କର୍ନୈନ୍‌କୁ ଐଶ୍ୱରୀକ ବାଣୀ କିମ୍ବା ଐଶୀ ସ୍ୱପ୍ନ ହୋଇଥିଲା **(2)** ସେ ନିଜ ଅଞ୍ଚଳରୁ ରାଷ୍ଟ୍ରଗୁଡ଼ିକୁ ବିଜୟ କରି ପଶ୍ଚିମ ଅଭିମୁଖେ ଚାଲି ଯାଇଥିଲା । ଯେଉଁଠି ଏକ କୃଷ୍ଣ ବର୍ଣ୍ଣର ଝରଣାରେ ସୂର୍ଯ୍ୟ ଅସ୍ତ ହେଉଥିଲା **(3)**ଏହା ପରେ ସେ ପୂର୍ବୋତ୍ତର ଅଭିମୁଖେ ବାହାରିଲା ଏବଂ ପୂର୍ବୋତ୍ତର ରାଷ୍ଟ୍ରଗୁଡ଼ିକୁ ଜୟ କଲା **(4)** ଏହାପରେ ସେ ମଧ୍ୟବର୍ତ୍ତୀ ଅଞ୍ଚଳ ଅଭିମୁଖେ ଅଗ୍ରସର ହେଲା ଯେଉଁଠି ୟାଜୁଜ୍ ଓ ମାଜୁଜ୍ ଆକ୍ରମଣ କରୁଥିଲେ । ସେ ସେଠାରେ ଏକ ପ୍ରାଚୀର ନିର୍ମାଣ କଲା ।"

ଆମମାନଙ୍କୁ ଜୁଲ୍ କର୍ନୈନ୍‌ର ଚିହ୍ନଟ କରିବା ପୂର୍ବରୁ ଏହା ଦେଖିବା ଉଚିତ୍ ଯେ, ଯେଉଁ ବ୍ୟକ୍ତି ଆମ ମନ ମସ୍ତିଷ୍କରେ مُشَارٌ إِلَيْهِ ذُوالْقَرْنَيْنِ ବୋଲାଇବାର ଅଧିକାରୀ ତା' ମଧ୍ୟରେ ଏହିସବୁ ଗୁଣାବଳୀ ଦେଖିବାକୁ ମିଳେ କିମ୍ବା ନୁହେଁ । ବିଶେଷ କରି ଉକ୍ତ ପ୍ରସଙ୍ଗକୁ ଯେ, ସେ ଐଶୀପ୍ରାପ୍ତ ବ୍ୟକ୍ତି ଓ ଈଶ୍ୱରଙ୍କର ପ୍ରିୟତମ ବି ଅଟେ କିମ୍ବା ନୁହେଁ ? ଉକ୍ତ ପ୍ରସଙ୍ଗ ତ' ପୂର୍ବେ ହିଁ ନିର୍ଣ୍ଣୟ ହୋଇ ସାରିଛି ଯେ, ମେଦ୍ ଓ ଫାରସ୍ ସମ୍ରାଟ ମଧ୍ୟରୁ କୌଣସି ଜଣେ ସମ୍ରାଟ ଯଥାର୍ଥ ଅଟନ୍ତି । କାରଣ ଦାନିଆଲ୍‌ର ସ୍ୱପ୍ନ ସେହି ସମ୍ରାଟକୁ ହିଁ ଜୁଲ୍ କର୍ନୈନ୍ ନାମରେ ନାମିତ କରିଛନ୍ତି । ଆମେମାନେ ଏହା ଉପଲବ୍ଧି କରିବା ଉଚିତ୍ ଯେ, ତନ୍ମଧ୍ୟରୁ କେଉଁ ସମ୍ରାଟ ଉକ୍ତ ଗୁଣାବଳୀ ନିଜ ମଧ୍ୟରେ ଅନ୍ତର୍ହିତ ରଖିଛି । ସର୍ବ ପ୍ରଥମ ଓ ଗୁରୁତ୍ୱପୂର୍ଣ୍ଣ ବିଶେଷତା ବା ଗୁଣାବଳୀ ହେଉଛି ଐଶୀ ଗୁଣାବଳୀ । ତତ୍‌ସଂକ୍ରାନ୍ତରେ ଆମେ ଯେତେବେଳେ ଇତିହାସ ଉପରେ ଦୃଷ୍ଟିପାତ କରୁ ସେତେବେଳେ ଆମେମାନେ ପାରସ୍ୟର ସମ୍ରାଟ ମଧ୍ୟରୁ ଜଣେ ସମ୍ରାଟକୁ ଏହିପରି ଗୁଣାବଳୀର ଅଧିକାରୀ ବୋଲି ପାଇଥାଉଯାହାକୁ ଐଶୀ ବାଣୀ ହୋଇଥିଲା ଓ ଯାହାର ପୁଣ୍ୟ ତଥା ଧର୍ମପରାୟଣତାକୁ ଆମେମାନେ ଅନ୍ୟ ଅବତାରମାନଙ୍କର ବାଣୀ ସହିତ ମିଶିଥିବାର ବୋଲି କହିଥାଉ । ସେହି ସମ୍ରାଟ୍ ହେଉଛି ଖୋରସ୍ । ଯାହାକୁ ଇଂରାଜୀରେ Cyrus ଲେଖିଥାଉ । ୟସିୟାହ୍ ଅବତାର ତତ୍‌ସମ୍ବନ୍ଧରେ ଉଲ୍ଲେଖ କରନ୍ତି:

"ପ୍ରଭୁ ନିଜର ଖୋରସ୍ ମସିହ୍ ସପକ୍ଷରେ ଏହିପରି କୁହନ୍ତି ଯେ, ମୁଁ ତା'ର ଡାହାଣ ହାତ ଧରିଲି, ଚମତ୍କାରକୁ ତା' ଆୟତ୍ତାଧୀନ କରିଦେବାକୁ ଚାହିଁଲି, ସମ୍ରାଟମାନଙ୍କର କଟି ବନ୍ଧନୀକୁ ଖୋଲି ପକାଇବି ଓ ଦୋହୋରା ଯାଇଥିବା ଦ୍ୱାରା ତା' ସକାଶେ ଖୋଲିଦେବି ଏବଂ ସେହି ଦ୍ୱାରକୁ ବନ୍ଦ କରାଯିବ ନାହିଁ । ମୁଁ ତୋ ଆଗରେ ଚାଲିବି ଓ ଅଙ୍କା ବଙ୍କା ସ୍ଥାନକୁ ସଳଖ କରିବି, ମୁଁ ପିତ୍ତଳର କବାଟଗୁଡ଼ିକର ଆଙ୍କୁଡ଼ିଗୁଡ଼ିକୁ ଖଣ୍ଡ ଖଣ୍ଡ କରିଦେବି ଏବଂ ଲୌହ ଦଣ୍ଡଗୁଡ଼ିକୁ (କବାଟର ପଶ୍ଚାତ ଭାଗରେ ଦିଆଯାଇଥାଏ ଫଳତଃ) କବାଟ ଖୋଲି ହୁଏ ନାହିଁ) ଭାଙ୍ଗି ପକାଇବି । ମୁଁ ତୋର ପୋତା ହୋଇଥିବା ନିଧି ଓ ଗୁପ୍ତ ଗୃହର ନିଧି ତୁମ୍ଭକୁ ପ୍ରଦାନ କରିବି । କାରଣ ତୁ ଏହା ଜାଣିନେବୁ ଯେ, ମୁଁ ଇସ୍ରାଇଲ୍‌ର ଈଶ୍ୱର ଅଟେ । ଯିଏ ତୋର ନାଁ ଧରି ତୋତେ ଡାକୁଛି । ମୁଁ ନିଜର ଭକ୍ତ ୟାକୁବ୍ ଓ ନିଜର ମନୋନୀତ ଇସ୍ରାଇଲ୍ ସକାଶେ ତୋତେ ତୋରି ସ୍ୱଷ୍ଟ ନାଁ ଧରି ଡାକିଛି । ମୁଁ ଦୟାପୂର୍ବକ ତୋତେ ଡାକିଲି । କାରଣ ତୁ ମୋତେ ଚିହ୍ନି ନାହୁଁ(ମୋତେ ଜାଣି ନାହୁଁ) । **(ୟସ୍‌ଇୟାହ୍ ବାବ-45 ପୃ-1-4)"**

ଅଲ୍ଲାଃତାଲାଙ୍କ ତରଫରୁ ନାମି ମେଦ୍ ଓ ପାରସ୍ୟ ସମ୍ରାଟ୍‌କୁ କଲ୍ୟାଣ ପ୍ରଦାନ କରାଯାଇଛି । କାରଣ ତାହାକୁ ମସିହ୍ ବୋଲି ଅଭିହିତ କରାଯାଇଛି (ଉକ୍ତ ବାସ୍ତବତା ସ୍ମରଣଯୋଗ୍ୟ ଅଟେ । କାରଣ ଖୋରସ୍ ଯିଏ ଜୁଲ୍ କର୍ନୈନ୍ ଥିଲା ମସିହ୍ ବୋଲି କୁହାଯାଇଛି ଓ ମସିହ୍ ମଉଦଙ୍କୁ ଜୁଲ୍‌କର୍ନୈନ୍ କୁହାଯାଇଛି ।) ପୁନଶ୍ଚ ଉଲ୍ଲେଖ ରହିଛି ଯେ, ଅଲ୍ଲାଃତାଲା ତା'କୁ ନିଜର ବିଶେଷ କରୁଣା ଦ୍ୱାରା ସମ୍ରାଟତ୍ୱ ପ୍ରଦାନ କରିଥିଲେ । ଏହା ହିଁ ପବିତ୍ର କୁରଆନ୍ କରୀମ୍ ଜୁଲ୍ କର୍ନୈନ୍ ସମ୍ବନ୍ଧରେ କୁହେ ଯେ, إِنَّا مَكَّنَّا لَهُ فِي الْأَرْضِ وَآتَيْنَاهُ مِنْ كُلِّ شَيْءٍ سَبَبًا ଅର୍ଥାତ ଆମ୍ଭେ ତା'କୁ ସମ୍ରାଟତ୍ୱ ପ୍ରଦାନ କରିଥିଲୁ ଓ ପ୍ରତ୍ୟେକ ଆବଶ୍ୟକୀୟ ପ୍ରସଙ୍ଗକୁ ପ୍ରାପ୍ତ କରିବାର ମାଧ୍ୟମ ମଧ୍ୟ ପ୍ରଦାନ କରିଥିଲୁ । ସେହିପରି ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ମୁଁ ତୁମ୍ଭ ଆଗେ ଆଗେ ଚାଲିବି ଓ ତୁମ୍ଭର ଅଙ୍କା ବଙ୍କା ସ୍ଥାନକୁ ସଳଖ କରିବି । ତହିଁରେ ଏହା ଇଙ୍ଗିତ ରହିଛି ଯେ, ସେ (ମସିହ୍) ବହୁତ ଯାତ୍ରା କରିବ । ପବିତ୍ର କୁରଆନ୍ କରୀମ୍‌ରୁ ଏହା ହିଁ ପ୍ରକାଶିତ ହୋଇଥାଏ । ପୁନଶ୍ଚ ୟସ୍‌ଇୟାହ୍‌ର ଐଶୀବାଣୀରେ ଉଲ୍ଲେଖ ରହିଛି ଯେ, ଆମ୍ଭେ ଅଶେଷ ଦୟାବାନ ପ୍ରଭୁ ଅଟୁ ଯିଏ ତୁମ୍ଭର ନାଁ ଧି ତୁମ୍ଭକୁ ଡାକିଛୁ । ପବିତ୍ର କୁରଆନ୍ କରୀମ୍‌ରେ ମଧ୍ୟ ଉଲ୍ଲେଖ ରହିଛି ଯେ, قُلْنَا يٰذَا الْقَرْنَيْنِ ଆମ୍ଭେ ଜୁଲ୍‌କର୍ନୈନ୍‌କୁ ନାଁ ଧରି ଡାକିଅଛୁ । ପୁନଶ୍ଚ ଉଲ୍ଲେଖ ରହିଛି ଯେ, ଆମ୍ଭେ ତୁମ୍ଭକୁ ଦୟାପୂର୍ବକ ଡାକିଅଛୁ । ପୁନଶ୍ଚ ଉଲ୍ଲେଖ ରହିଛି ଯେ, ତୁମ୍ଭେ ଆମ୍ଭକୁ ଚିହ୍ନି ନାହଁ । ଏହା ସେହି ପ୍ରସଙ୍ଗ ଆଡ଼କୁ ଇଙ୍ଗିତ କରେ ଯେ, ସେ ଅଲ୍ଲାଃତାଲାଙ୍କର ଉପାସନା ତୌରାତ୍‌ର ନାମାନୁଯାୟୀ କରୁ ନଥିଲା । ବରଂ ଅନ୍ୟ ନାମରେ ସେ ଉପାସନା କରୁଥିଲା । ସୁତରାଂ ଇତିହାସରୁ ଏହା ପ୍ରମାଣିତ ଯେ, ସେ ଜରତିସ୍ତ (ଜୋରାଷ୍ଟ୍ରୀୟ) ଅବତାରଙ୍କର ଅନୁଗାମୀ ଥିଲା । **(ତଫସିର୍ କବିର୍ ଭାଗ-4, ପୃ-495, ପ୍ରକାଶନ ବର୍ଷ-2010 ମସିହା)**

## 128ତମ ଜଲସା ସାଲାନା କାଦିଆନ୍ ତା- 29, 30 ଓ 31 ଡିସେମ୍ବର 2023 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ 128 ତମ ଜଲସା ସାଲାନା କାଦିଆନ୍ ପାଇଁ ତା- 29, 30 ଓ 31 ଡିସେମ୍ବର 2023 ମସିହା (ବାର- ଶୁକ୍ରବାର, ଶନିବାର ଓ ରବିବାର) ତାରିଖର ସ୍ୱୀକୃତି ପ୍ରଦାନ କରିଛନ୍ତି । ଜମାଅତର ସଦସ୍ୟବୃନ୍ଦ ଏବେ ଠାରୁ ହିଁ ଦୁଆ ସହିତ ଉକ୍ତ କଲ୍ୟାଣମୟ ଜଲସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ରଖି ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଉକ୍ତ ଐଶୀ ଜଲସାରୁ ଉପକୃତ ହେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଉକ୍ତ ଜଲସା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟ ମଣ୍ଡିତ ହେବା ଓ କଲ୍ୟାଣମୟ ହେବା ତଥା ପୁଣ୍ୟାତ୍ମାମାନଙ୍କର ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । **ଯଜାକୁମୁଲ୍ଲାଃହୁ ତାଆଲା ୱ ଅହସନଲ୍ ଯଜା । (ନାଜିର୍ ଇସଲାହ୍ ଓ ଇର୍ଶାଦ୍ ମର୍କଜିୟା କାଦିଆନ୍)**

# (ଖୁତ୍‌ବା ଜୁମା)

ମନେରଖ ଯେପର୍ଯ୍ୟନ୍ତ لا الہ الا اللہ ହୃଦୟରେ ଓ ଶରୀର ମଧ୍ୟରେ ପ୍ରବିଷ୍ଟ ହୋଇଯାଇ ନାହିଁ ଓ ଯେପର୍ଯ୍ୟନ୍ତ ଅସ୍ତିତ୍ୱର ପ୍ରତ୍ୟେକ କଣିକାରେ ଇସଲାମ୍ ଧର୍ମର ଆଲୋକ ଏବଂ ଆଧିପତିତ୍ୱ ବିସ୍ତାରିତ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ତୁମେ କଦାପି ଉନ୍ନତି କରିପାରିବ ନାହିଁ ।

**ପ୍ରଳୟ ଦିବସ ଦିନ ମୋର ସୁପାରିଶ ଦୃଷ୍ଟିକୋଣରୁ ଲୋକମାନଙ୍କ ମଧ୍ୟରୁ ସର୍ବାଧିକ ସୌଭାଗ୍ୟଶାଳୀ ସେହି ବ୍ୟକ୍ତି ହେବ ଯିଏ ନିଜର ନୈସର୍ଗିକ ତଥା ନୈଷ୍ଠିକ ହୃଦୟ କିମ୍ବା ନୈଷ୍ଠିକ ମନୋଭାବ ରଖି لا الہ الا اللہ ର ସ୍ୱୀକାରୋକ୍ତି ପ୍ରକାଶ କରିଥିବ । (ଅଲ୍‌ହଦିସ୍)**

ଆମେ ଅହେମଦିମାନେ କେଡ଼େ ସୌଭାଗ୍ୟଶାଳୀ ଯେ, ଅଲ୍ଲାଃତାଲା ଆମମାନଙ୍କୁ ସାଂପ୍ରତିକ କାଳରେ ଯୁଗାବତାର ଓ ଆଁହଜରତ ସ.ଅଙ୍କ ଦାସାନୁଦାସଙ୍କୁ ସ୍ୱୀକାର କରିବାକୁ ସାମର୍ଥ୍ୟ ପ୍ରଦାନ କରିଛନ୍ତି, ଯେକି ଇସ୍‌ଲାମୀୟ ଆଦେଶବଳୀକୁ ଖୋଲି କରି ତାହାର ଗହ୍ୱର ତଥା ବ୍ରହ୍ମଜ୍ଞାନ ସମ୍ବଳିତ ତତ୍ତ୍ୱକୁ ଆମ ଆଗରେ ପ୍ରକାଶ କରିଛନ୍ତି । ଆପଣ ଅ.ସ ଯେଉଁଠି ଆମମାନଙ୍କୁ لا الہ الا اللہ ର ଗହ୍ୱରତା ସଂକ୍ରାନ୍ତରେ ଅବଗତ କରାଇଲେ ସେଠାରେ ରସୁଲୁଲ୍ଲାଃ ସ.ଅଙ୍କ ମର୍ଯ୍ୟାଦା ସଂକ୍ରାନ୍ତରେ ମଧ୍ୟ ଆମମାନଙ୍କୁ ପରିଚିତ କରାଇଲେ ।

**ମନୁଷ୍ୟ ଯେବେ ଠାରୁ ଧାର ପୃଷ୍ଠରେ ଜନ୍ମଗ୍ରହଣ କରିଛି ଏବଂ ଯେପର୍ଯ୍ୟନ୍ତ ସେ ମୃତ୍ୟୁବରଣ କରି ନାହିଁ ସେପର୍ଯ୍ୟନ୍ତ ପ୍ରକୃତିର ଏହି ନିୟମ ରହିଛି ଯେ, ମନୁଷ୍ୟ ଏକେଶ୍ୱରବାଦକୁ ସର୍ବଦା ସମର୍ଥନ ଜଣାଇଥାଏ । ( ହ. ମସିହ୍ ମଉଦ୍ ଅ.ସ)**

ମକ୍କା ବିଜୟ ଅବସରରେ ହଜାର ହଜାର ପ୍ରତିମାପୂଜକ لا الہ الا اللہ ର ଶ୍ରେଷ୍ଠତ୍ୱକୁ ଉପଲବ୍ଧି କରିଥିଲେ ।

**ଏକ ପ୍ରସଙ୍ଗ ରହିଛି ଯହିଁରେ କୌଣସି ପରିବର୍ତ୍ତନ ନାହିଁ ଏବଂ ତାହା ହେଉଛି ଯେ, لا الہ الا اللہ محمد رسول اللہ, ଏହା ହିଁ ପ୍ରକୃତ ପ୍ରସଙ୍ଗ ଏବଂ ଅନ୍ୟ ପ୍ରସଙ୍ଗ ସବୁ ତାହାର ସାରମର୍ମ ଅଟନ୍ତି ।**

"କଲମ୍ବାର ଏହି ଅର୍ଥ ରହିଛି ଯେ, ମନୁଷ୍ୟ ନିଜର ତୁଣ୍ଡରୁ ଏହା ସ୍ୱୀକାର କରିଥାଏ ଯେ, ପ୍ରଭୁ ଏକ ଓ ଅଦ୍ୱିତୀୟ ଅଟନ୍ତି ଏବଂ ସେ ପୁନଶ୍ଚ ହୃଦୟରୁ ଏହା ପୁଷ୍ଟି କରିଥାଏ ଯେ, ମୋର ପରମ ଉପାସକ, ପରମ ଆରାଧ, ପ୍ରିୟତମ ଓ ଅଭିପ୍ରାୟ ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ନୁହଁନ୍ତି ।" (ହ. ମସିହ୍ ମଉଦ୍ ଅ.ସ)

**ଯେଉଁ ବ୍ୟକ୍ତି ନିଜ ଭାଇର ଅଧିକାରକୁ କ୍ଷୁର୍ଣ୍ଣ କରେ କିମ୍ବା ବିଶ୍ୱାସଘାତକତା କରେ ଅବ ଅନ୍ୟ ପ୍ରକାରର ପାପ କର୍ମରୁ ନିବୃତ୍ତ ହୁଏ ନାହିଁ ତେବେ ମୁଁ ଏହି ବିଶ୍ୱାସ ରଖୁଛି ଯେ, ଉକ୍ତ ବ୍ୟକ୍ତି ଜଣକ ଏକଶ୍ୱରବାଦର ସ୍ୱୀକାରକର୍ତ୍ତା ନୁହେଁ ବରଂ ପ୍ରତ୍ୟାଖ୍ୟାନକାରୀ ଅଟେ । କାରଣ ଏହା ଏଭଳି ଏକ ପରୁସ୍କାର ଓ ଅବଦାନ ଯେ, ଏହାକୁ ପ୍ରାପ୍ତ କରିବା ମାତ୍ରେ ମନୁଷ୍ୟ ମଧ୍ୟରେ ଏକ ଅଭୂତପୂର୍ବ ଚମତ୍କାରିକ ପରିବର୍ତ୍ତନ ସୃଷ୍ଟି ହୋଇଥାଏ । (ହ. ମସିହ୍ ମଉଦ୍ ଅ.ସ)**

"ପରିବର୍ତ୍ତନ ସେତେବେଳେ ହିଁ ହୋଇଥାଏ ଓ ସେତେବେଳେ ହିଁ ସେ ପ୍ରକୃତ ଏକେଶ୍ୱରବାଦୀ ବ୍ୟକ୍ତି ପାଲଟି ଯାଇଥାଏ ଯେତେବେଳେ ଏହି ଆଭ୍ୟନ୍ତରୀଣ ପ୍ରତିମା ଯଥା- ଗର୍ବ ଓ ଅହଂକାର, ଲୋକ ଦେଖାଣିଆ, ବିଦ୍ୱେଷ, ଶତ୍ରୁତା, ଈର୍ଷା, କାର୍ପଣ୍ୟତ, ମତଭେଦତା ବା ବୈମନସ୍ୟତା, ପ୍ରତିଶୃତିଭଙ୍ଗ ଆଦି ପ୍ରସଙ୍ଗ ଦୂରୀଭୂତ ହୋଇଯିବ । ସେହିପରି ଯେପର୍ଯ୍ୟନ୍ତ ଏହି ପ୍ରତିମାଗୁଡ଼ିକ ମନୁଷ୍ୟ ମନ ଭିତରେ ରହିଛନ୍ତି ସେପର୍ଯ୍ୟନ୍ତ ସେ لا الہ الا اللہ କହିବାରେ କିପରି ସତ୍ୟବାଦୀ ବ୍ୟକ୍ତି ରୂପେ ବିବେଚିତ ହୋଇପାରିବ ? (ହ. ମସିହ୍ ମଉଦ୍ ଅ.ସ) ।

---

**ଲୈଲତୁଲ୍ କଦର୍** ବାସ୍ତବରେ ସେତେବେଳେ ପ୍ରାପ୍ତ ହୋଇଥାଏ ଯେତେବେଳେ ଆମେମାନେ ନିଜର ଆଚରଣ ଓ ଉଚ୍ଚାରଣ ଅଲ୍ଲାଃତାଲାଙ୍କ ଆଦେଶାବଳୀ ଅନୁଯାୟୀ କରିବା ନିମନ୍ତେ ପ୍ରସ୍ତୁତ ହୋଇଯାଇଥାଉ, ତାହାଙ୍କ ଆଦେଶାବଳୀ ଉପରେ ପରିଚାଳିତ ହୋଇ ତାହାକୁ କାର୍ଯ୍ୟକାରୀ କରାଇବା ସହିତ କ୍ରିୟାଶୀଳ ବ୍ୟକ୍ତିରେ ପରିଗଣିତ ହୋଇ ସେହି ଆଦେଶାବଳୀଗୁଡ଼ିକୁ ନିଜ ଜୀବନର ଏକ ଅଭିନ୍ନ ଅଙ୍ଗ ରୂପେ ବିବେଚିତ କରି ନେଇଥାଉ । ଏହା ହିଁ ହେଉଛି ସେହି ପ୍ରକୃତ ଲକ୍ଷଣ ଓ ନିଦର୍ଶନ ଯାହାକି ଜଣେ ଧର୍ମପରାୟଣ ବ୍ୟକ୍ତିକୁ ଲୈଲତୁଲ୍ କଦର୍‌ର ପ୍ରାପ୍ତ ହେବାର ପ୍ରମାଣ ଅଟେ । ଲୈଲତୁଲ୍ କଦର୍‌ର ପ୍ରକୃତ ନିଦର୍ଶନ କହିଲେ ଆମେମାନଙ୍କ ଠାରେ ଏକ ଅଭୂତପୂର୍ବ ବିପ୍ଳବ ସୃଷ୍ଟି କରିଥାଏ ।

---

ଯଦି ଆମେମାନେ لا الہ الا اللہ ର ବାସ୍ତବତାକୁ ହୃଦୟଙ୍ଗମ କରି କେବଳ ପ୍ରଭୁଙ୍କୁ ହିଁ ନିଜର ପରମ ଉପାସ୍ୟ, ପରମ ଆରାଧ, ପ୍ରିୟତମ ତଥା ମୂଳ ଅଭିପ୍ସିତ ରୂପେ ବରଣ କରିନେଉ ଏବଂ ସଂସାର ତୁଳନାରେ ଅଲ୍ଲାଃତାଲା ଯଦି ଆମମାନଙ୍କର ଅଧିକ ପ୍ରିୟତମ ହୋଇଯାଆନ୍ତି, ପ୍ରଭୁ ହିଁ ଆମମାନଙ୍କର ପରମ ଅଭିପ୍ରାୟ ହୁଅନ୍ତି ତେବେ ଖୁବ୍ ଶୀଘ୍ର ଏକ ମହା ବିପ୍ଳବ ସୃଷ୍ଟି ହୋଇପାରିବ ।
ଯେପରିକି ହ. ମସିହ ମଉଦ୍ ଅ.ସ କହିଛନ୍ତି: "ଏହି ଶେଷ ଦଶ ଦିନରୁ ଭରପୁର ଲାଭାନ୍ୱିତ ହେବା ନିମନ୍ତେ ଓ ଲୈଲତୁଲ୍ କଦରରୁ ପ୍ରକୃତ ରୂପେ ଲାଭାନ୍ୱିତ ହେବା ନିମନ୍ତେ ଆମମାନଙ୍କୁ لا الہ الا اللہ محمد رسول اللہ ବାଣୀକୁ ନିଜର ମନ୍ ମସ୍ତିଷ୍କର ସ୍ୱର କରିବାକୁ ହେବ ଏବଂ ନିଜର ପ୍ରତ୍ୟେକ କର୍ମାଚରଣ ଉପରେ ଏହାକୁ ଲାଗୁ କରିବାକୁ ହେବ । ଏହି ଦିନମାନଙ୍କରେ ସଂସାରରେ ସାମୂହିକ ଶାନ୍ତି ପ୍ରତିଷ୍ଠା ହେବା ନିମନ୍ତେ ମଧ୍ୟ ପ୍ରାର୍ଥନା କରୁ ଥାଆନ୍ତୁ । ଅଲ୍ଲାଃତାଲା ମାନବ ଜାତି ଉପରେ ଦୟାବତୀର୍ଣ୍ଣ କରନ୍ତୁ ।

---

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ] ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 14 April 2023 ମସିହା ଅନୁଯାୟୀ ୧୪ ଶାହାଦତ୍ / ୧୪୦୨ସ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦରର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ. أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ. بِسْمِ اللّٰهِ الرَّحْمٰنِ الرَّحِيْمِ. اَلْحَمْدُ لِلّٰهِ رَبِّ الْعَالَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. اِيَّاكَ نَعْبُدُ وَ اِيَّاكَ نَسْتَعِيْنُ. اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ اَنْعَمْتَ عَلَيْهِمْ. غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ; لَا اِلٰهَ اِلَّا اللّٰهُ ହେଉଛି ଏଭଳି ଏକ କଲ୍ମା (ଉକ୍ତି) ଯାହାକି ଏକେଶ୍ୱରବାଦର ମୂଳଭିତ୍ତି ଅଟେ। ଆଁହଜରତ ସ.ଅ କହିଲେ, ନିଃସନ୍ଦେହ ଅଲ୍ଲାଃତାଲା ସେହି ବ୍ୟକ୍ତି ଉପରେ ନର୍କାଗ୍ନୀକୁ ଅବୈଧ କରିଦେଲେ ଯିଏ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ لَا اِلٰهَ اِلَّا اللّٰهُ ପାଠ କଲା । **(ସହି ବୁଖାରୀ, କିତାବୁସ୍ ସଲାତ୍, ବାବୁଲ୍ ମସାଜିଦି ଫିଲ୍ ବୁୟୁତିରୁ...... ଶେଷ ପର୍ଯ୍ୟନ୍ତ, ହଦିସ୍ ନଂ-425)**

ଅତଏବ୍ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ନିଜର ଧ୍ୟାନକୁ ନୈସର୍ଗିକ ଓ ନୈଷ୍ଠିକ ରୂପେ ଆନତ ହେବା ଓ ତାହାଙ୍କ ପ୍ରତି କେନ୍ଦ୍ରୀଭୂତ କରିବା ସଙ୍ଗେସଙ୍ଗେ ମନୁଷ୍ୟ ଯେତେବେଳେ لَا اِلٰهَ اِلَّا اللّٰهُ ପାଠ କରେ ସେତେବେଳେ ସେ ଅଲ୍ଲାଃତାଲାଙ୍କ କୃପାର ଅଧିକାରୀ ହୋଇଥାଏ । ଯେପରିକି ଆଁହଜରତ ସ.ଅ କହିଲେ, ଅଲ୍ଲାଃତାଲା ସେହି ବ୍ୟକ୍ତି ଉପରେ ନର୍କାଗ୍ନୀକୁ ଅବୈଧ କରିଦେଲେ ଯିଏ لَا اِلٰهَ اِلَّا اللّٰهُ ପାଠ କଲା । **(ସହିହୁଲ୍ ବୁଖାରୀ, କିତାବୁର୍ ରିଫାକ୍, ବାବୁଲ୍ ଅମଲୁଲ୍ଲଜି ୟବ୍ତଗି ବିହି ୱଜହୁଲ୍ଲାଃ....... ହଦିସ୍ ନଂ-6423)**

ଏକ ସ୍ଥଳେ ଆଁହଜରତ ସ.ଅ କହିଲେ ଯେ, ଅଲ୍ଲାଃତାଲା ସେହି ବ୍ୟକ୍ତି ଉପରେ ନର୍କାଗ୍ନୀକୁ ଅବୈଧ କରିଦେବେ ଏବଂ ସମସ୍ତ ଅବତାରମାନେ ଉକ୍ତ ଶିକ୍ଷାକୁ ଘେନି ଏହି ଧରାପୃଷ୍ଠାରେ ଜନ୍ମ ଗ୍ରହଣ କରିଥିଲେ । ଆଁହଜରତ ସ.ଅ କହିଲେ ସର୍ବୋତ୍କୃଷ୍ଟ ଉକ୍ତି ଯାହାକୁ ମୁଁ ଓ ପୂର୍ବ ଅବତାରମାନେ କହିଲେ, ତାହା لَا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ ଅଟେ । **(ମୁତା ଇମାମ୍ ମାଲିକ୍, କିତାବୁସ୍ ସଲାତ୍, ବାବ୍-ମା ଯାଆ ଫିଦ୍ ଦୁଆଇ, ହଦିସ୍ ନଂ-501, ପୃ-536, ପ୍ରକାଶନ ସ୍ଥାନ-ମକ୍ତବତୁଲ୍ ବୁଶ୍ରା, କରାଚୀ)**

ସୁତରାଂ ଏହି ଶିକ୍ଷା ସମସ୍ତ ଅବତାରମାନଙ୍କର ଅଟେ । କିନ୍ତୁ ଦୁର୍ଭାଗ୍ୟ ବଶତଃ ସେହି ଅବତାରମାନଙ୍କର ଅନୁଗାମୀମାନେ ଉକ୍ତ ଶିକ୍ଷାକୁ ସିଧାସଳଖ ଓ ପରୋକ୍ଷରେ ପାସୋରି ବସି ଶିର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା) କୁ ଏକ ମାଧ୍ୟମ ରୂପେ ଆଦରି ନେଲେ । ଆମେମାନେ ସୌଭାଗ୍ୟଶାଳୀ ଯେ, ଅଲ୍ଲାଃତାଲା ଆମମାନଙ୍କୁ ଆଁହଜରତ ସ.ଅଙ୍କ ସଂପ୍ରଦାୟରେ ଅନ୍ତର୍ଭୁକ୍ତ କରି ସେହି ପୂର୍ଣ୍ଣ ଶିକ୍ଷା ପ୍ରଦାନ କଲେ ଯାହାକି ଶିର୍କକୁ ସଂପୂର୍ଣ୍ଣ ରୂପେ ମୂଳୋତ୍ପାଟନ କରିଦେଲା ଏବଂ ଆପଣ ସ.ଅ ଆମମାନଙ୍କୁ ଏକେଶ୍ୱରବାଦର ପ୍ରକୃତ ଶିକ୍ଷା ପ୍ରଦାନ କରି ଆମମାନଙ୍କର ଇହକାଳ ଓ ପରକାଳକୁ ସୁଧାରି ଦେଲେ ।

ଅତଏବ ବର୍ତ୍ତମାନ ଯେଉଁ ବ୍ୟକ୍ତି ଆଁହଜରତ ସ.ଅଙ୍କର ପ୍ରକୃତ ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରିବ ଏବଂ ନିଷ୍ଠାପର ହୋଇ ପ୍ରଭୁଙ୍କ ଏକେଶ୍ୱରବାଦର ସ୍ୱୀକାରୋକ୍ତି ନିଷ୍ଠାପର ଭାବରେ କରିବ ସେହି ବ୍ୟକ୍ତି ହିଁ ଅଲ୍ଲାଃତାଲାଙ୍କର କୃପାର ଅଧିକାରୀ ହୋଇପାରିବ ଓ ଆଁହଜରତ ସ.ଅଙ୍କ ସୁପାରିଶରୁ ମଧ୍ୟ ସେ ଏକ ଅଂଶ ପ୍ରାପ୍ତ କରିବ । ସୁପାରିଶ୍ ସଂକ୍ରାନ୍ତରେ ଆଁହଜରତ ସ.ଅଙ୍କର ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଆଁହଜରତ ସ.ଅ କହିଲେ, ପ୍ରଳୟ ଦିବସ ଦିନ ମୋର ସୁପାରିଶ ଦୃଷ୍ଟିରୁ ଲୋକମାନଙ୍କ ମଧ୍ୟରୁ ସର୍ବାଧିକ ସୌଭାଗ୍ୟଶାଳୀ ସେହି ବ୍ୟକ୍ତି ହେବ ଯିଏ ନିଜର ନିଷ୍ଠାପୂର୍ଣ୍ଣ ହୃଦୟ କିମ୍ବା ନିଜର ନିଷ୍ଠାପୂର୍ଣ୍ଣ ମନୋଭାବ ରଖି لَا اِلٰهَ اِلَّا اللّٰهُ ର ସ୍ୱୀକାରୋକ୍ତି ପରିପ୍ରକାଶ କରିଥିବ । **(ସହିହୁଲ୍ ବୁଖାରୀ, କିତାବୁଲ୍ ଇଲ୍ମି, ବାବୁଲ୍ ହିର୍ସ ଅଲଲ୍ ହଦିସି, ହଦିସ୍ ନଂ-99)**

ଆପଣ ସ.ଅଙ୍କ ସୁପାରିଶ ପାଇଁ ନିଷ୍ଠାପୂର୍ଣ୍ଣ ହୃଦୟର ସହିତ لَا اِلٰهَ اِلَّا اللّٰهُ ର ସ୍ୱୀକାରୋକ୍ତି କରିବାର ଆବଶ୍ୟକତା ରହିଛି ଯହିଁରେ ସଂସାରର କୌଣସି ଅଂଶ ମିଶ୍ରିତ ହୋଇ ନଥିବ । ସେହି ବ୍ୟକ୍ତି ହିଁ ଆପଣ ସ.ଅଙ୍କ ସୁପାରିଶର ପ୍ରକୃତ ଅଧିକାରୀ ତଥା ପାତ୍ର ହେବ । ଆପଣ ସ.ଅ ହେଉଛନ୍ତି ସେହି ଶ୍ରେଷ୍ଠାବତାର ତଥା ନବୀ ଶିରୋମଣି ଯାହାଙ୍କୁ ଅଲ୍ଲାଃତାଲା ସୁପାରିଶ କରିବାର ଅଧିକାର ପ୍ରଦାନ କରିଛନ୍ତି ଏବଂ ଆପଣ ସ.ଅଙ୍କର ସୁପାରିଶ ପ୍ରାପ୍ତ କରିବାକୁ ହେଲେ ଅଲ୍ଲାଃତାଲାଙ୍କର ଆଦେଶାବଳୀ ଅନୁଯାୟୀ ଆପଣ ସ.ଅଙ୍କ ଉପରେ ବିଶ୍ୱାସ ଆଣିବା ମଧ୍ୟ ବିଧେୟ । ଆପଣ ସ.ଅ ନିଜର ଅସ୍ତିତ୍ୱ ତଥା ମର୍ଯ୍ୟାଦା ସଂକ୍ରାନ୍ତରେ ଏହିପରି ଚର୍ଚ୍ଚା କରିଛନ୍ତି । ଆପଣ ସ.ଅ କହିଲେ: ଏପରି କୌଣସି ବ୍ୟକ୍ତି ନାହିଁ ଯିଏ ସତ୍ୟ ତଥା ନିର୍ମଳ ହୃଦୟ ହୋଇ لَا اِلٰهَ اِلَّا اللّٰهُ مُحَمَّدٌ رَّسُوْلُ اللّٰهِ ର ସାକ୍ଷ୍ୟ ପ୍ରଦାନ କରି ନଥିବ । କିନ୍ତୁ ଅଲ୍ଲାଃତାଲା ସେହି ବ୍ୟକ୍ତି ଉପରେ ନର୍କାଗୀନ ଅବୈଧ କରିଦେବେ । **(ସହିହୁଲ୍ ବୁଖାରୀ, କିତାବୁଲ୍ ଇଲମି, ବାବ୍-ମନ୍ ଖସ୍ସ ବିଲ୍ ଇଲ୍ମି କୌମନ୍ ଦୁନା କୌମିନ୍..... ହଦିସ୍ ନଂ-128)**

ଏକ ସ୍ଥଳେ କେବଳ لَا اِلٰهَ اِلَّا اللّٰهُ ରହିଥିବା ବେଳେ ଅନ୍ୟ ସ୍ଥଳେ مُحَمَّدٌ رَّسُوْلُ اللّٰهِ ମଧ୍ୟ ସାମିଲ୍ ରହିଛି । ଅତଏବ ବର୍ତ୍ତମାନ ଅଲ୍ଲାଃତାଲାଙ୍କର ଶେଷାବତାର ତଥା ନବୀ ଶିରୋମଣିଙ୍କୁ ସ୍ୱୀକାର କରିବା ବ୍ୟତୀତ ଏକେଶ୍ୱରବାଦର ସ୍ୱୀକାରୋକ୍ତି ତଥା ଘୋଷଣା ସମ୍ଭବପର ନୁହେଁ । ଆପଣ ସ.ଅ ହିଁ ସେହି ଅବତାର ଅଟନ୍ତି ଯିଏ ନିଜ ସଂପ୍ରଦାୟରେ ଶର୍କକୁ ସଂପୂର୍ଣ୍ଣ ରୂପେ ମୂଳୋତ୍ପାଟନ କରିବାର ଘୋଷଣା କଲେ ଓ ଅଲ୍ଲାଃତାଲା ତଥା ତାହାଙ୍କ ବାର୍ତ୍ତାବହ ସେହି ବ୍ୟକ୍ତି ଠାରୁ ବିମୁଖତାର ଘୋଷଣା କଲେ ଯିଏ କୌଣସି ପ୍ରକାରେ ସାମାନ୍ୟତମ ଶିର୍କର ପରିପ୍ରକାଶକ ଥିବ । ଏସବୁ ସତ୍ତ୍ୱେ ମୁସଲମାନମାନଙ୍କ ମଧ୍ୟରେ ଏପରି ଲୋକମାନେ ମଧ୍ୟ ଜନ୍ମ ଗ୍ରହଣ କରିଛନ୍ତି ଯେଉଁମାନେ ଏହି ପ୍ରକାରର ଗୁପ୍ତ ଶିର୍କର ଆଚରଣ ପ୍ରଦର୍ଶନ କରିଥାନ୍ତି ତଥା ଲିପ୍ତ ଅଛନ୍ତି, ସେହି ମାନଙ୍କ ସଂପର୍କରେ ହିଁ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହ ସଂପୂର୍ଣ୍ଣ ରୂପେ ଅନାସକ୍ତ ଭାବ ଘୋଷଣା କରିଛନ୍ତି । ଅଲ୍ଲାଃତାଲା ଏପରି ଶିର୍କ ଓ ଶିର୍କକାରୀ ଉଭୟଙ୍କୁ କଠୋରତାପୂର୍ବକ ବାରଣ କରିଛନ୍ତି ।

ଆମେ ଅହେମଦିମାନେ କେଡ଼େ ସୌଭାଗ୍ୟଶାଳୀ ଯେ, ଅଲ୍ଲାଃତାଲା ଆମମାନଙ୍କୁ ସାଂପ୍ରତିକ କାଳରେ ଯୁଗାବତାର ଓ ଆଁହଜରତ ସ.ଅଙ୍କ ଦାସାନୁଦାସଙ୍କୁ ସ୍ୱୀକାର କରିବାକୁ ସାମର୍ଥ୍ୟ ପ୍ରଦାନ କରିଛନ୍ତି, ଯେକି ଇସ୍‌ଲାମୀୟ ଆଦେଶବଳୀକୁ ଖୋଲି କରି ତାହାର ଗହ୍ୱର ତଥା ବ୍ରହ୍ମଜ୍ଞାନ ସମ୍ବଳିତ ତତ୍ତ୍ୱକୁ ଆମ ଆଗରେ ପରିପ୍ରକାଶ କରିଛନ୍ତି । ଆପଣ ଅ.ସ ଯେଉଁଠି ଆମମାନଙ୍କୁ لَا اِلٰهَ اِلَّا اللّٰهُ ର ଗହ୍ୱରତା ସଂକ୍ରାନ୍ତରେ ଅବଗତ କରାଇଲେ ସେଠାରେ ରସୁଲୁଲ୍ଲାଃ ସ.ଅଙ୍କ ମର୍ଯ୍ୟାଦା ସଂକ୍ରାନ୍ତରେ ମଧ୍ୟ ଆମମାନଙ୍କୁ ପରିଚିତ କରାଇଲେ ।

ବର୍ତ୍ତମାନ ମୁଁ ତତ୍‌ସଂକ୍ରାନ୍ତରେ ହ. ମସିହ୍ ମଉଦ୍ ଅ.ସଙ୍କ କେତେକ ଉଦ୍ଧୃତାଂଶ ଉପସ୍ଥାପିତ କରିବି ଯାହା ଉକ୍ତ ବିଷୟବସ୍ତୁ ଉପରେ ଅତ୍ୟନ୍ତ ସୁନ୍ଦର ଢଙ୍ଗରେ ଆଲୋକପାତ କରିଥାଏ ଏବଂ ଆମମାନଙ୍କର ଏଥିପ୍ରତି ଧ୍ୟାନ ମଧ୍ୟ ଆକର୍ଷଣ କରିଥାଏ ଯେ, ଆମମାନଙ୍କୁ ମଧ୍ୟ ଉକ୍ତ ପ୍ରସଙ୍ଗକୁ ଅତ୍ୟନ୍ତ ଗଭୀରତାର ସହିତ ନିଜର ଆତ୍ମସମୀକ୍ଷା କରିବାର ଆବଶ୍ୟକତା ରହିଛି ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି, ଅଲ୍ଲାଃତାଲା ନିଜର ବାଣୀ اَلْيَوْمَ اَكْمَلْتُ لَكُمْ دِيْنَكُمْ **(ଅଲ ମାଏଦା-4)**ର ବ୍ୟାଖ୍ୟା ସ୍ୱୟଂ କରି ଦେଇଛନ୍ତି । ତହିଁରେ ତିନୋଟି ନିଦର୍ଶନ ରହିବା ଯଥେଷ୍ଟ ଓ ଆବଶ୍ୟକ ଅଟେ । **ପ୍ରଥମତଃ** اَصْلُهَا ثَابِتٌ **(ଇବ୍ରାହିମ:25)** ଯାହାର ମୂଳ ଦୃଢତାର ସହିତ ଜମି ରହିଛି । **ଦ୍ୱିତୀୟତଃ** فَرْعُهَا فِي السَّمَآءِ **(ଇବ୍ରାହିମ:25)**ଅର୍ଥାତ ଏହାର ଶାଖା ପ୍ରଶାଖା ଆକାଶର ଉଚ୍ଚତା ପର୍ଯ୍ୟନ୍ତ ପରିବ୍ୟାପ୍ତ । **ତୃତୀୟତଃ** تُؤْتِيْ اُكُلَهَا كُلَّ حِيْنٍ **(ଇବ୍ରାହିମ:26)** ଅର୍ଥାତ ପ୍ରତ୍ୟେକ ସମୟ ତାହା ସଦ୍ୟତମ ଫଳ ପ୍ରଦାନ କରିଥାଏ । ଆପଣ ଅ.ସ କହିଲେ ଇସ୍‌ଲାମ୍ ହେଉଛି ସେହି ଧର୍ମ ଯେକି ଉକ୍ତ ସ୍ତରକୁ ତଥା ଉକ୍ତ ସର୍ତ୍ତକୁ ପୂର୍ଣ୍ଣ କରିଥାଏ ।

ସେ ଯାହା ହେଉ ଆପଣ ଅ.ସ اَصْلُهَا ثَابِتٌ ର ଅତିରିକ୍ତ ଚର୍ଚ୍ଚା କରି କହିଲେ, "**ପ୍ରଥମ** ନିଦର୍ଶନ ହେଉଛି ବିଶ୍ୱାସର ନୀତି ଯହିଁରୁ ଯଥାର୍ଥ କଲ୍ମା لَا اِلٰهَ اِلَّا اللّٰهُ ଅଟେ । ଅର୍ଥାତ اَصْلُهَا ثَابِتٌ କୁ ଯଦି ପ୍ରମାଣିତ କରିବାର ଅଛି ତେବେ لَا اِلٰهَ اِلَّا اللّٰهُ ହେଉଛି ପ୍ରଥମ ନିଦର୍ଶନ । ଏହାକୁ ଅତ୍ୟନ୍ତ ମର୍ମସ୍ପର୍ଶୀ ଭାବରେ ପବିତ୍ର କୁରଆନ୍‌ରେ ବର୍ଣ୍ଣନା କରାଯାଇଛି ଯାହାର ସମସ୍ତ ପ୍ରମାଣ କେତେକ ଖଣ୍ଡରେ ସମାପ୍ତ ଓ ଆବଦ୍ଧିତ ହୋଇପାରିବ ନାହିଁ । ପୁସ୍ତକ ରଚନା ତ' ହେବ କିନ୍ତୁ ତନ୍ମଧ୍ୟରୁ ସ୍ୱଳ୍ପ ପ୍ରମାଣ ଏଠାରେ ଉଦାହରଣ ସ୍ୱରୂପ ଉଲ୍ଲେଖ କରିଦେଉଛି । ଯେପରିକି ସୁରାଃ ବକରାହରେ ଅଲ୍ଲାଃତାଲା କୁହନ୍ତି: اِنَّ فِيْ خَلْقِ السَّمٰوٰتِ وَالْاَرْضِ وَاخْتِلَافِ الَّيْلِ

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

وَالنَّهَارِ وَالْفُلْكِ الَّتِي تَجْرِي فِي الْبَحْرِ بِمَا يَنْفَعُ النَّاسَ وَمَا أَنْزَلَ اللّٰهُ مِنَ السَّمَاءِ مِنْ مَاءٍ فَأَحْيَا بِهِ الْأَرْضَ بَعْدَ مَوْتِهَا وَبَثَّ فِيهَا مِنْ كُلِّ دَابَّةٍ وَتَصْرِيفِ الرِّيَاحِ وَالسَّحَابِ الْمُسَخَّرِ بَيْنَ السَّمَاءِ وَالْأَرْضِ لَآيَاتٍ لِقَوْمٍ يَعْقِلُونَ (ଅଲବକରାହ୍: 165) ଅର୍ଥାତ୍ ଆକାଶ ଓ ପୃଥିବୀର ସୃଷ୍ଟି କ୍ରମାନ୍ୱୟରେ ଦିନ ଓ ରାତିର ଆଗମନ, ମାନବ ସମାଜ ପାଇଁ ସମୁଦ୍ର ବକ୍ଷରେ ଲାଭଦାୟକ ଦ୍ରବ୍ୟ ବହନ କରି ଚାଳିତ ହେଉଥିବା ଜାହାଜମାନ ଏବଂ ମେଘରୁ ଅଲ୍ଲାଃତାଲା ଯେଉଁ ଜଳ ବର୍ଷଣ କରାଇ ତାହା ଦ୍ୱାରା ମୃତପ୍ରାୟ ଭୂମିକୁ ପୁନର୍ବାର ଜୀବିତ କରନ୍ତି ତଥା ବାୟୁର ସଂଚାଳନ ଏବଂ ଆକାଶ ଓ ପୃଥିବୀ ମଧ୍ୟସ୍ଥ କାର୍ଯ୍ୟରତ ମେଘମାଳାରେ ଏ ସମସ୍ତ ବିଷୟରେ ବାସ୍ତବିକ ଜ୍ଞାନବନ୍ତ ସଂପ୍ରଦାୟ ପାଇଁ ଅନେକ ପ୍ରକାର ନିଦର୍ଶନ କରିଛି ।

ଏହି ସମସ୍ତ ପ୍ରସଙ୍ଗ ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ଓ ତାହାଙ୍କ ଏକେଶ୍ୱରବାଦ ତଥା ତାହାଙ୍କ ଐଶୀବାଣୀ ଓ ତାହାଙ୍କ مُدَبِّرٌ بِالْإِرَادَةِ (ପ୍ରବନ୍ଧ କୁଶଳ ବା କୌଣସି ପ୍ରସଙ୍ଗ କରିବାର ସେ ଯେତେବେଳେ ମନସ୍ଥ କରି ନିଅନ୍ତି)ହେବା ସଂପର୍କରେ ଜ୍ୱଳନ୍ତ ନିଦର୍ଶନ ଅଟନ୍ତି । ହ. ମସିହ୍ ମଉଦ୍ ଅ.ସ କହିଲେ: ବର୍ତ୍ତମାନ ଦେଖନ୍ତୁ ଉପରୋକ୍ତ ଆୟତ୍‌ୟରେ ଅଲ୍ଲାଃତାଲାଙ୍କର ସମସ୍ତ ନିର୍ମାଣ ଏବଂ ବିଶ୍ୱ ବ୍ରହ୍ମାଣ୍ଡର ଉତ୍ତମ ବ୍ୟବସ୍ଥା ଏଥି ପ୍ରତି ଇଙ୍ଗିତ କରୁଅଛି ଯେ, ଏହି ଜଗତ ତଥା ବିଶ୍ୱ ବ୍ରହ୍ମାଣ୍ଡର ଏକ ପୁରାତନ ନିର୍ମାଣକାରୀ ଏବଂ ଉଦ୍ଭାବକ ଅଛନ୍ତି ଏବଂ وَحْدَهُ لَا شَرِيكَ ଓ مُدَبِّرٌ بِالْإِرَادَةِ ନିଜର ବାର୍ତ୍ତାବହମାନଙ୍କୁ ଇହଧାମକୁ ପ୍ରେରଣକାରୀ ଅଟନ୍ତି । କାରଣ ଏହିକି ଯେ, ଈଶ୍ୱରଙ୍କ ସମସ୍ତ ନିର୍ମାଣ ଓ ବିଶ୍ୱ ବ୍ରହ୍ମାଣ୍ଡ ବ୍ୟବସ୍ଥା ଯାହା ଆମ ଦୃଷ୍ଟି ସମ୍ମୁଖରେ ଉପସ୍ଥିତ ତଥା ବିଦ୍ୟମାନ ଅଟେ । ଏହା ସ୍ୱଷ୍ଟ ରୂପେ ଏହା ଇଙ୍ଗିତ କରୁଛି ଯେ, ଏହି ଜଗତ ତଥା ବିଶ୍ୱ ବ୍ରହ୍ମାଣ୍ଡର ଏକ ପୁରାତନ ନିର୍ମାଣକାରୀ ଏବଂ ଉଦ୍ଭାବକ ଅଛନ୍ତି  ଯାହାଙ୍କ ପାଇଁ ଏହି ସୁଗୁଣାବଳୀଗୁଡ଼ିକ ନିତ୍ୟାନ୍ତ ଆବଶ୍ୟକ ଓ ପ୍ରଯୁଜ୍ୟ । ଅର୍ଥାତ ରହେମାନ୍ (ଅଶେଷ ଦୟାବାନ), ରହିମ୍ (ସଦା କୁରଣାମୟ), କାଦିର୍ ମୁତ୍‌ଲକ୍ (ସକଳ ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା), ୱାହିଦ୍ ଓ ଲାଶରିକ୍ (ଏକ ଓ ଅଦ୍ୱିତୀୟ) ଅଜ୍‌ଲି ଅବ୍‌ଦି (ଆବାହମାନ କାଳର ପ୍ରଭୁ ଓ ଚିରଞ୍ଜିବୀ) ଏବଂ ମୁଦବ୍‌ବିର ବିଲ୍ ଇରାଦାହ୍ (କୌଣସି ପ୍ରସଙ୍ଗ କରିବାର ସେ ଯେତେବେଳେ ମନସ୍ଥ କରି ନିଅନ୍ତି) । ସେ ମୁସ୍ତଜ୍‌ମେ ଜମିଇ ସିଫାତ୍ (ସମସ୍ତ ସୁଗୁଣାବଳୀକୁ ତାଙ୍କ ଠାରେ ହିଁ ଏକତ୍ରିତ) ଏବଂ ସେ ଐଶୀ ଅବତୀର୍ଣ୍ଣକାରୀ ମଧ୍ୟ ହୋଇଥିବା ଆବଶ୍ୟକ । **(ଜଙ୍ଗେ ମୁକଦ୍ଦସ୍, ରୁହାନୀ ଖଜାଏନ, ଭାଗ-6, ପୃ-123-125)**

ଅତଏବ لَا إِلٰهَ إِلَّا اللّٰهُ ଉପାସକ ବୋଲି ମନ ମଧ୍ୟରେ ଏକ ଭାବନା ଉତ୍ପନ୍ନ କରନ୍ତି ନାହିଁ । ବରଂ ମନ ମଧ୍ୟରେ ଏକଥାକୁ ଦୃଢ ରୂପେ ସ୍ଥାପନ କରିଥାଏ ଏବଂ ସ୍ଥାନିତ କରିବା ମଧ୍ୟ ଉଚିତ ଯେ, ଆମର ଈଶ୍ୱର ଆବହମାନ କାଳରୁ ଅଛନ୍ତି ଓ ସେ ଚିରଞ୍ଜିବୀ ଅଟନ୍ତି । ସେ ସମସ୍ତ ପ୍ରାଣୀମାନଙ୍କର ସୃଷ୍ଟିକର୍ତ୍ତା ଏବଂ ସମସ୍ତ ଆବଶ୍ୟକତା ସକାଶେ ତାହାଙ୍କ ନିକଟରେ ଆନତ ହେବାକୁ ପଡ଼ିବ । ସୁତରାଂ ଯେତେବେଳେ ମନୁଷ୍ୟ ବିଶ୍ୱାସର ଏତାଦୃଶ ଅବସ୍ଥାରେ ଉପନୀତ ହୋଇଯାଏ ସେତେବେଳେ ତାହା ପୂର୍ଣ୍ଣ ବିଶ୍ୱାସ ରୂପେ ବିବେଚିତ ହୋଇଥାଏ ଏବଂ ତହିଁରେ ଶିର୍କର କୌଣସି ଅପମିଶ୍ରଣ ହୋଇପାରିବ ନାହିଁ । ଅତଃ ଏହା ହିଁ ହେଉଛି ସେହି ବିଶ୍ୱାସ ଯାହା ସଂକ୍ରାନ୍ତରେ ଆଁହଜରତ ସ.ଅ କହିଲେ ଯେ, ନିଷ୍ଠାପର ହୋଇ لَا إِلٰهَ إِلَّا اللّٰهُର ସାକ୍ଷ୍ୟ ଦେବା ବିଶ୍ୱାସକାରୀମାନଙ୍କ ଉପରେ ନର୍କାଗ୍ନୀ ଅବୈଧ ଅଟେ ।

ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ କୁହନ୍ତି: " ଅଲ୍ଲାଃତାଲା ହିଁ ସେହି ପୂର୍ଣ୍ଣ ଅସ୍ତିତ୍ୱ, ଯାହାଙ୍କୁ ସାହାଯ୍ୟ ଭିକ୍ଷା କରିବା ପ୍ରଯୁଜ୍ୟ ଏବଂ ଅନ୍ୟ କୌଣସି ଅସ୍ତିତ୍ୱ ଏହାର ଅଧିକାରୀ ନାହାନ୍ତି । ପବିତ୍ର କୁରଆନ୍ ଏହା ଉପରେ ଜୋର ଦେଇ କହିଲା, ଇୟାକା ନାବୁଦୁ ୱ ଇୟାକା ନସ୍ତଇନ୍ । ଅର୍ଥାତ ଆମ୍ଭେ ତୁମ୍ଭରି ଉପାସନା କରୁ ଏବଂ ତୁମ୍ଭ ଠାରୁ ହିଁ ଆମ୍ଭେ ସାହାଯ୍ୟ ଭିକ୍ଷା କରୁ । ତହିଁରୁ ଏହା ପ୍ରତିଭାତ ହୁଏ ଯେ, ସାହାଯ୍ୟ ଭିକ୍ଷା କରିବାର ପ୍ରକୃତ ଓ ଏକମାତ୍ର ସତ୍ତା ହେଉଛନ୍ତି ପରାକ୍ରମୀ ଅଲ୍ଲାଃତାଲା । ଦ୍ୱିତୀୟ ସ୍ତରରେ ଏହି ଅଧିକାର ଈଶ୍ୱରାଭିଳାଷୀ ଓ ସତ୍ୟାନ୍ୱେଷୀମାନଙ୍କୁ ପ୍ରଦାନ କରାଯାଇଛି । ଅର୍ଥାତ ସେମାନଙ୍କ ପ୍ରାର୍ଥନା ବଳରେ ମଧ୍ୟ ପ୍ରଭୁଙ୍କ ଠାରୁ ଅନୁଗ୍ରହ ଲୋଡ଼ା ଯାଇପାରିବ । ଅର୍ଥାତ ସନ୍ଥମାନଙ୍କ ମାଧ୍ୟମରେ ମଧ୍ୟ ଅଲ୍ଲାଃତାଲା ସାହାଯ୍ୟ ପ୍ରଦାନ କରିଥାଆନ୍ତି । ଆପଣ ଅ.ସ କହିଲେ, ଆମମାନଙ୍କ ପକ୍ଷେ ଏହା ଅନୁଚିତ ଯେ, ଆମେମାନେ କୌଣସି କଥା ନିଜ ପକ୍ଷରୁ ତିଆରି କରିବୁ। ବରଂ ଅଲ୍ଲାଃତାଲାଙ୍କ ପ୍ରେରିତ ଓ ରସୁଲୁଲ୍ଲାଃ ସ.ଅଙ୍କ ଆଦେଶାବଳୀର ପରିଧି ମଧ୍ୟରେ ରହିବା ଉଚିତ । ଏହାର ଅନ୍ୟନାମ ସିରାତେ ମୁସ୍ତକିମ୍ (ସଳଖ ମାର୍ଗ) ଏବଂ ଏହି ପ୍ରସଙ୍ଗ لَا إِلٰهَ إِلَّا اللّٰهُ مُحَمَّدٌ رَّسُولُ اللّٰهِ ରୁ ମଧ୍ୟ ବୁଝି ହୋଇଯାଏ । لَا إِلٰهَ إِلَّا اللّٰهُ مُحَمَّدٌ رَّسُولُ اللّٰهِ ର ପ୍ରଥମ ଅଂଶରୁ ଜଣାପଡ଼େ ଯେ, ମନୁଷ୍ୟର ପ୍ରିୟତମ ଓ ସର୍ବପ୍ରଥମ ଅଭିପ୍ରାୟ ଅଲ୍ଲାଃତାଲା ହିଁ ହେବା ଉଚିତ ଏବଂ ଦ୍ୱିତୀୟ ଭାଗରେ ଆଁହଜରତ ସ.ଅଙ୍କ ଅବତାରତ୍ୱର ବାସ୍ତବତାର ପରିପ୍ରକାଶ କରିବା ।"

**(ମଲଫୁଜାତ୍, ଭାଗ-2, ପୃ-53-54, ପ୍ରକାଶନ୍ ବର୍ଷ-1984 ମସିହା)**

ଆପଣ ଅ.ସ ପୁନଶ୍ଚ କୁହନ୍ତି: "ମନୁଷ୍ୟ ଯେବେଠାରୁ ଜନ୍ମଗ୍ରହଣ କରିଛି ସେ ଯେପର୍ଯ୍ୟନ୍ତ ନିଜକୁ ସମାପ୍ତ କରିଦେଇ ନାହିଁ ସେପର୍ଯ୍ୟନ୍ତ ବିଧିର ବିଧାନ ଏହା ହିଁ ରହିଛି ଯେ, ସେ ଏକେଶ୍ୱବାଦକୁ ସର୍ବଦା ସମର୍ଥନ ଜଣାଉଥାଏ । ଅଲ୍ଲାଃତାଲା ଯେତେ ଅବତାରମାନଙ୍କୁ ପ୍ରେରଣ କରିଥିଲେ, ସେମାନେ ସମସ୍ତେ ଏଇଥିପାଇଁ ଆସିଥିଲେ ଯେ, ମନୁଷ୍ୟ ଓ ଅନ୍ୟ ପ୍ରାଣୀମାନଙ୍କର ଉପାସନାରୁ ଲୋକମାନଙ୍କୁ ଦୂରେଇ ନେଇ ଏକ ପ୍ରଭୁଙ୍କ ଉପାସନା ସଂସାରରେ ସ୍ଥାପିତ ହେଉ । ସେମାନଙ୍କର ସେବା ଏହା ହିଁ ଥିଲା ଯେ, لَا إِلٰهَ إِلَّا اللّٰهُର ବିଷୟବସ୍ତୁ ଭୂପୃଷ୍ଠରେ ଅଲୋକିତ ହେଉ ଯେପରି ସେ ଆକାଶରେ ଆଲୋକିତ ହୋଇଥାଆନ୍ତି । ଅତଏବ ସେହି ସମସ୍ତ ପ୍ରସଙ୍ଗ ତଥା ବସ୍ତୁ ଠାରୁ ଅଲ୍ଲାଃତାଲା ମହାନ୍ ଅଟନ୍ତି । ସେ ହିଁ ଉକ୍ତ ବିଷୟ ବସ୍ତୁକୁ ଆଲୋକିତ କରିଛନ୍ତି । ସେ ହିଁ ପ୍ରଥମେ ଅସତ୍ୟ ଠାକୁରଙ୍କର ଦୋଷ ଦୁର୍ବଳତା ପଦାକୁ ଆଣିଥିଲେ ଏବଂ ଏହାକୁ ସାବ୍ୟସ୍ତ ମଧ୍ୟ କରିଥିଲେ। ମିଥ୍ୟା ଠାକୁର ବା ଉପାସ୍ୟ ଦେବାତମାନେ ରହିଥିଲେ ସେମାନଙ୍କର ଦୋଷ ଦୁର୍ବଳତାକୁ ସାବ୍ୟସ୍ତ କରିଥିଲେ ଏବଂ ଶିକ୍ଷା ଓ ଶକ୍ତି ଅନୁଯାୟୀ ସେମାନଙ୍କର ନଗଣ୍ୟ, ନିକୃଷ୍ଟ ହେବା ପ୍ରମାଣିତ କଲେ । ସୁତରାଂ ଯେତେବେଳେ ସବୁକିଛି ସାବ୍ୟସ୍ତ କରିଦେଲେ ସେତେବେଳେ ସେ ସେହି ଭବ୍ୟ ବିଜୟକୁ ଚିରକାଳ ପାଇଁ ସ୍ମରଣୀୟ କଲେ । ଅର୍ଥାତ لَا إِلٰهَ إِلَّا اللّٰهُ مُحَمَّدٌ رَّسُولُ اللّٰهِ। ଅଲ୍ଲଃତାଲା ଓ ତାହାଙ୍କ ବାର୍ତ୍ତାବହ ହ. ମୁହମ୍ମଦ ସ.ଅ କେବଳ ଭିତ୍ତିହୀନ ପ୍ରମାଣ ସ୍ୱରୂପ لَا إِلٰهَ إِلَّا اللّٰهُ କହିଲେ ନାହିଁ ବରଂ ପ୍ରଥମେ ପ୍ରମାଣ ଉପସ୍ଥାପିତ କଲେ ଓ ଅସତ୍ୟକୁ ଖଣ୍ଡନ କରି ପୁନଶ୍ଚ ଲୋକମାନଙ୍କୁ ଏଥିପ୍ରତି ଦୃଷ୍ଟି ଆକର୍ଷଣ କଲେ ଯେ, ଦେଖ ! ସେହି ପ୍ରଭୁଙ୍କ ବ୍ୟତୀତ ଅନ୍ୟ କୌଣସି ଉପାସ୍ୟ ପ୍ରଭୁ ନୁହନ୍ତି । ସେ ତୁମମାନଙ୍କର ଶକ୍ତି ତଥା ବଳକୁ ଭଙ୍ଗ କରିଦେଲେ ଓ ସମସ୍ତ ଅହଂଭାବ ତଥା ଆତ୍ମବଡ଼ିମାକୁ ଧୂଳିସାତ୍ କରିଦେଲେ لَا إِلٰهَ إِلَّا اللّٰهُ مُحَمَّدٌ رَّسُولُ اللّٰهِ ସୁତରାଂ ଉକ୍ତ କଥାକୁ ସ୍ମରଣ କରାଇବାକୁ ଯାଇ ସର୍ବଦା ଏହି କଲ୍ୟାଣମୟ ବାଣୀ ଶିଖାଇଲେ ଯେ, لَا إِلٰهَ إِلَّا اللّٰهُ مُحَمَّدٌ رَّسُولُ اللّٰهِ ।" **(ମସିହ୍ ହିନ୍ଦୁସ୍ତନ୍ ମେଁ, ରୁହାନୀ ଖଜାଏନ୍, ଭାଗ-15, ପୃ-65)**

ଯେତେବେଳେ ଅବୁ ସୁଫିୟାନ୍‌କୁ ଆଁହଜରତ ସ.ଅ ପ୍ରଶ୍ନ କଲେ ଯେ, ତୁମ ନିକଟରେ ବର୍ତ୍ତମାନ ସୁଦ୍ଧା لَا إِلٰهَ إِلَّا اللّٰهُର ସତ୍ୟତା ଉଦ୍‌ଘାଟିତ ହୋଇ ନାହିଁ ? ପ୍ରତ୍ୟୁତ୍ତରରେ ସେ କହିଲା, ମୁଁ ସଂପୂର୍ଣ୍ଣ ରୂପେ ଏହା ବୁଝି ସାରିଛି ଯେ, ଅଲ୍ଲାଃତାଲାଙ୍କ ବ୍ୟତୀତ ଯଦି ଅନ୍ୟ କେହି ବି ଉପାସନା ଯୋଗ୍ୟ ହୋଇ ଥାଆନ୍ତା ତେବେ ସେମାନେ ଆମକୁ କିଛି ତ' ସାହାଯ୍ୟ କରିଥାଆନ୍ତେ । ଏହି ତିନିଶହ ଷାଠିଏ ପ୍ରତିମା ଆମେମାନେ ଖାନା କାଆବାରେ ରଖିଅଛୁ । ଆମେମାନେ ଯେଉଁ ପ୍ରତିମାଗୁଡ଼ିକୁ ପୂଜୁଛେ ସେମାନଙ୍କ ମଧ୍ୟରୁ କେହି ଭଲା ଆମକୁ ସାହଯ୍ୟ କରିଥାଆନ୍ତା ? **(ଅସ୍ ସିରତୁନ୍ ନବ୍‌ୱିୟାହ୍, ଲିଇବ୍‌ନି ହିଶ୍ଶାମ୍, ପୃ-739, ଇସ୍‌ଲାମ୍ ଉବୈ ସୁଫିୟାନ୍..... ପ୍ରକାଶନ ସ୍ଥାନ-ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-2001 ମସିହା) (ସହିହୁଲ୍ ବୁଖାରୀ, କିତାବୁଲ୍ ମଜାଲିମି, ବାବ୍- ହଲ୍ ତକସିରୁଦ୍ ଦନାନି.......... ଶେଷ ପର୍ଯ୍ୟନ୍ତ, ହଦିସ୍ ନଂ-2478)**

ଆପଣ ଅ.ସଙ୍କ ଏହା କହିବା ଯେ, ଆଁହଜରତ ସ.ଅଙ୍କର ଏହି ଶିକ୍ଷା ଯେ, لَا إِلٰهَ إِلَّا اللّٰهُ مُحَمَّدٌ رَّسُولُ କହିବା ଦ୍ୱାରା ପାପ ମୋଚନ ହୋଇଥାଏ । ଏହା ସଂପୂର୍ଣ୍ଣ ସତ୍ୟ ଓ ଏହା ହିଁ ପ୍ରକୃତ ଘଟଣା ଅଟେ । ତୁମେମାନେ କହୁଛ ପରା ଉପରୋକ୍ତ ଉକ୍ତି କହିବା ଦ୍ୱାରା ପାପ ମୋଚନ ହୋଇଥାଏ, ସମସ୍ତ ପାପ ତାପ ସମାପ୍ତ

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

ହୋଇଯାଇଥାଏ । ଏହା ସଂପୂର୍ଣ୍ଣ ସତ୍ୟ ଅଟେ । କାରଣ ଯିଏ ପ୍ରଭୁଙ୍କୁ ହିଁ କେବଳ ଏକ ଓ ଅଦ୍ୱିତୀୟ ତଥା ସମକକ୍ଷବିହୀନ ବୋଲି ମନେକରେ ଏବଂ ଆଁହଜରତ ସ.ଅଙ୍କ ଉପରେ ବିଶ୍ୱାସ ଆଣେ ଯେ, ଆପଣ ସ.ଅଙ୍କୁ ସେହି ସର୍ବଶକ୍ତିମାନ ପ୍ରଭୁ ପ୍ରେରଣ କରିଛନ୍ତି ବୋଲି ବିଶ୍ୱାସ କରେ । ତେବେ ନିଃସନ୍ଦେହ ରୂପେ ଯଦି ଉକ୍ତ ଉକ୍ତି ଉପରେ ତା'ର ଅନ୍ତ ବା ପରିସମାପ୍ତି ଘଟେ ତେବେ ସେହି ବ୍ୟକ୍ତି ନିଃଶଙ୍କୋଚ ରୂପେ ମୋକ୍ଷ ପ୍ରାପ୍ତ କରିନେବ । ଭୂପୃଷ୍ଠରେ କୌଣସି ବ୍ୟକ୍ତି ଆତ୍ମହତ୍ୟା କଲେ ସେ କଦାପି ମୋକ୍ଷ ପ୍ରାପ୍ତ କରି ପାରିବ ନାହିଁ । କୌଣସି ବ୍ୟକ୍ତିର ମୃତ୍ୟୁ ଘଟିଲେ ମୋକ୍ଷ ପ୍ରାପ୍ତି ହୋଇ ନଥାଏ । ହଁ କୌଣସି ବ୍ୟକ୍ତି ତୃମ ସକାଶେ ଯଦି ମୃତ୍ୟୁବରଣ କରେ ତେବେ ସେହି ବ୍ୟକ୍ତି ମଧ୍ୟ ମୋକ୍ଷ ପ୍ରାପ୍ତ କରିପାରିବ ନାହିଁ । କାରଣ ମୋକ୍ଷ ପ୍ରାପ୍ତି କଲମା (ଉକ୍ତି) ଦ୍ୱାରା ହିଁ ପ୍ରାପ୍ତ ହୋଇଥାଏ । ଏହାଠୁ ଅଧିକ ପାଗଳ ବ୍ୟକ୍ତି ଆଉ କିଏ ହୋଇଥାଇ ପାରେ ଯେ, ଯେଉଁ ବ୍ୟକ୍ତି ଏହା ଭାବେ ଯେ, କଲମା ପାଠ କରିବା ଦ୍ୱାରା ମୁକ୍ତି ବା ମୋକ୍ଷ ପ୍ରାପ୍ତି ହୋଇ ନଥାଏ । କିନ୍ତୁ ଈଶ୍ୱରଙ୍କୁ ଏକ ଓ ସମକକ୍ଷ ବିହୀନ ବୋଲି ଭାବିବା ଉଚିତ୍ । ଏହା ଭାବିନିଅ ଯେ, ସରଳରେ ଏହା କହି ଦେବା, ସାଧାରଣ ଢଙ୍ଗରେ କହିଦେବା ସହିତ ସମକକ୍ଷ ନୁହେଁ । କିନ୍ତୁ ଈଶ୍ୱରଙ୍କୁ ଏକ ଓ ସମକକ୍ଷ ବିହୀନ ବୋଲି ମଣିବା, ଏଭଳି ଦୟାବାନ ବୋଲି ବିଚାର କରିବା ଯେ, ସେ ନିଜର ପରମ ଦୟା ବଳରେ ସଂସାରକୁ ଅନ୍ଧକାରରୁ ଉଦ୍ଧାର କରିବା ପାଇଁ ନିଜର ଅବତାରଙ୍କୁ ପ୍ରେରଣ କଲେ ଯାହାଙ୍କ ନାମ ମୁହମ୍ମଦ୍ ମୁସ୍ତଫା ସ.ଅ ଅଟେ । ଏହା ଏଭଳି ଏକ ଆସ୍ଥା ଯେ, ଏହା ଉପରେ ବିଶ୍ୱାସ କରିବା ଦ୍ୱାରା ଆତ୍ମାର ଅନ୍ଧକାର ଦୂରୀଭୂତ ହୋଇଥାଏ ଏବଂ ଅମୂଳକ ସ୍ୱାର୍ଥ ଦୂରୀଭୂତ ହୋଇ ତା' ସ୍ଥାନରେ ଏକେଶ୍ୱରବାଦ ସ୍ଥାନ ଗ୍ରହଣ କରି ନେଇଥାଏ । ପରିଶେଷରେ ଏକେଶ୍ୱରବାଦର ମହା ଉତ୍ସାହ ସମସ୍ତ ହୃଦୟରେ ବିସ୍ତାରିତ ହୋଇ ଇହକାଳରେ ସ୍ୱର୍ଗୀୟ ଜୀବନ ଆରମ୍ଭ ହୋଇଯାଇଥାଏ ।"

କଲମା ସଂକ୍ରାନ୍ତରେ ଏହା ଜାଣିବା ଉଚିତ୍ ଯେ, لَا إِلٰهَ إِلَّا اللّٰهُର କ'ଣ ଅର୍ଥ ରହିଛି ? مُحَمَّدٌ رَّسُوْلُ اللّٰهِର କ'ଣ ଅର୍ଥ ରହିଛି । ପୁନଶ୍ଚ ସ୍ୱର୍ଗ ଏହି ସଂସାରରେ ହିଁ ପ୍ରାରମ୍ଭ ହୋଇଯାଇଥାଏ । ହୁଜୁର ଅ.ସ କୁହନ୍ତି ଯେ, "ଯେପରିକି ତୁମେମାନେ ଅବଲୋକନ କର ଯେ, ଆଲୋକ ଆସିବା ଦ୍ୱାରା ଅନ୍ଧକାର ତିଷ୍ଠିପାରି ନଥାଏ । ଠିକ୍ ସେହିପରି ଯେତେବେଳେ لَا إِلٰهَ إِلَّا اللّٰهُର ଆଲୋକମୟ ପ୍ରକାଶ ବା ପ୍ରତିବିମ୍ବ ହୃଦୟ ଉପରେ ପଡ଼ିଥାଏ ସେତେବେଳେ କାମବାସନା ଜନିତ ଅନ୍ଧକାରର ଉତ୍ସାହ ଏବଂ ଆବେଗ ସମାପ୍ତ ହୋଇୟାଇଥାଏ । ପାପ ବ୍ୟତୀତ ଏହାର ଅନ୍ୟ କୌଣସି ବାସ୍ତବତା ନାହିଁ । କାରଣ ବିଦ୍ରୋହରୁ କାମବାସନା ଜନିତ ଉତ୍ସାହ, କୋଳାହଳ ସୃଷ୍ଟି ହେଉ । ଉକ୍ତ କାମବାସନା ଜନିତ ଅବସ୍ଥାକୁ ଅନୁକରଣ କରିବା ଦ୍ୱାରା ଜଣେ ବ୍ୟକ୍ତିର ନାମ ପାପୀ ବିବେଚିତ ହୋଇଥାଏ ଓ لَا إِلٰهَ إِلَّا اللّٰهُ ର ଅର୍ଥ ଯାହା ଆରବିକ ଭାଷାକୋଷ ଅନୁଯାୟୀ ବ୍ୟବହାର ସ୍ଥଳୀରୁ ଜ୍ଞାତ ବା ଅବବୋଧ ହୋଇଥାଏ । ଭାଷାକୋଷରେ ଏହାର ଯେଉଁ ଅଧିକ ଅର୍ଥ ରହିଛି ତାହା ଏହିପରି ଯେ, لَا مَطْلُوْبِيْ وَلَا مَحْبُوْبِيْ وَلَا مَعْبُوْدِيْ وَلَا مُطَاعِيْ إِلَّا اللّٰهُ । ଅର୍ଥାତ ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ବି ମୋର ଅଭିପ୍ରାୟ ନୁହନ୍ତି । **(ନୁରୁଲ୍ କୁରଆନ୍ ସଂଖ୍ୟ-2, ରୁହାନୀ ଖଜାଏନ୍ ଭାଗ-9, ପୃ-418-419)**

ପୁନଶ୍ଚ ହ. ମସିହ୍ ମଉଦ୍ ଅ.ସ କଲମା لَا إِلٰهَ إِلَّا اللّٰهُର ଅତିରିକ୍ତ ଚର୍ଚ୍ଚା କରି କୁହନ୍ତି: "ପ୍ରକୃତ କଥା ଏହିକି ଯେ, ଅଲ୍ଲାଃତାଲା ଅନେକ ଆଦେଶାବଳୀ ପାଳନ କରିବା ନିମନ୍ତେ ଆଦେଶ ଦେଇଛନ୍ତି । ସେମାନଙ୍କ ମଧ୍ୟରୁ ଏପରି କେତେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ଉକ୍ତ ଆଦେଶାବଳୀକୁ ସଠିକ୍ ରୂପେ ପାଳନ କରିବାକୁ ସୁଯୋଗ ପ୍ରାପ୍ତ ହେଉ ନାହିଁ । ଉଦାହରଣ ସ୍ୱରୂପ ହଜ୍ । ଏହା ସେହି ବ୍ୟକ୍ତି ପକ୍ଷେ ଅନିର୍ବାର୍ଯ୍ୟ ଯିଏ ଉକ୍ତ ତୀର୍ଥ କରିବାକୁ ସକ୍ଷମ ହୋଇଥିବ । ପ୍ରତ୍ୟେକ ବ୍ୟକ୍ତି ଉପରେ ହଜ୍ କରିବା ଅନିର୍ବାର୍ଯ୍ୟ ନୁହେଁ । ପୁନଶ୍ଚ ହଜ୍ ତୀର୍ଥ ଯିବା ସମୟରେ ମାର୍ଗ ସୁଗମ ତଥା ଶାନ୍ତି ହୋଇଥିବା ଉଚିତ୍ । ହଜ୍ ନିମନ୍ତେ ଏହା ମଧ୍ୟ ଏକାନ୍ତ ଅପରିହାର୍ଯ୍ୟ ଯେ, ଯେଉଁ ପରିବାରବର୍ଗ ଅଛନ୍ତି ସେମାନଙ୍କ ଗୁଜୁରାଣ ପାଇଁ ମଧ୍ୟ ପର୍ଯ୍ୟାପ୍ତ ବ୍ୟବସ୍ଥା ହୋଇଥିବା ଉଚିତ୍ । ଗୃହର ସଦସ୍ୟମାନଙ୍କ ନିମନ୍ତେ ଖାଦ୍ୟପେୟର ମଧ୍ୟ ସଠିକ୍ ବ୍ୟବସ୍ଥା ହୋଇଥିବା ଉଚିତ୍ । ଏପରି ହେବା ଅନୁଚିତ୍ ଯେ, ସେମାନଙ୍କୁ ଭୋକ ଉପାସ ଛାଡ଼ିଦେଇ ନିଜେ ହଜ୍ କରିବାକୁ ଚାଲିଯାଅ। ଅତଏବ ଉପରୋକ୍ତ ଆବଶ୍ୟକୀୟ ସର୍ତ୍ତାବଳୀ ଯଦି ପୂରଣ ହୁଏ ତେବେ ସେପରିପ୍ରେକ୍ଷୀରେ ହଜ୍ କରିପାରିବ । ଠିକ୍ ସେହିପରି ଜକାତ୍ ରହିଛି । ଜକାତ୍ ସେହି ବ୍ୟକ୍ତି ପୈଠ କରିପାରିବ ଯିଏ ବିତ୍ତଶାଳୀ ବା ଧନୀକ ହୋଇଥିବ ।" ସୁତରାଂ ଯେଉଁ ବ୍ୟକ୍ତି ଉପରେ ଜକାତ୍ ବାଧ୍ୟତାମୂଳକ ସେହି ବ୍ୟକ୍ତି ଜକାତ୍ ପୈଠ କରିବା ଉଚିତ୍ । ଠିକ୍ ସେହିପରି ନମାଜରେ ମଧ୍ୟ ପରିବର୍ତ୍ତନ ଘଟିଥାଏ । ଅର୍ଥାତ କେତେବେଳେ ଯାତ୍ରା ସମୟରେ ନମାଜରେ ପରିବର୍ତ୍ତନ କରାଯାଇଥାଏ ତ' ଆଉ କେତେବେଳେ କସର୍ (ସଂକ୍ଷିପ୍ତ)ରେ ମଧ୍ୟ ନମାଜରେ ପରିବର୍ତ୍ତନ ହୋଇଥାଏ । କିନ୍ତୁ ଗୋଟିଏ ପ୍ରସଙ୍ଗ ଯହିଁରେ କୌଣସି ପରିବର୍ତ୍ତନ ହୋଇ ନଥାଏ ଏବଂ ତାହା ହେଲା لَا إِلٰهَ إِلَّا اللّٰهُ مُحَمَّدٌ رَّسُوْلُ اللّٰهِ । ପ୍ରକୃତ ପ୍ରସଙ୍ଗ ହେଉଛି ଏହା ହିଁ ଏବଂ ଅନ୍ୟ ଯେଉଁସବୁ ପ୍ରସଙ୍ଗ ବା ଆଦେଶାବଳୀ ରହିଛି ତାହାସବୁ ଏହାର ସଂପୂର୍ଣ୍ଣ **ରିକ୍ତ ଆଦେଶାବଳୀ** ଅଟନ୍ତି । ଏକେଶ୍ୱରବାଦ ସେପର୍ଯ୍ୟନ୍ତ ସଂପୂର୍ଣ୍ଣ ହୋଇପାରିବ ନାହିଁ ଯେପର୍ଯ୍ୟନ୍ତ ତୁମେମାନେ ଉପାସନା ସମ୍ପାଦନ କରି ନେଇ ନାହଁ ଏବଂ لَا إِلٰهَ إِلَّا اللّٰهُ ପ୍ରକୃତ କର୍ତ୍ତବ୍ୟ ସମ୍ପାଦନ କରିଦେଇ ନାହଁ । ଏହାର ଏହା ହିଁ ଅର୍ଥ ଯେ, لَا إِلٰهَ إِلَّا اللّٰهُ مُحَمَّدٌ رَّسُوْلُ اللّٰهِର କଥନକାରୀ ସେପର୍ଯ୍ୟନ୍ତ ନିଜ ସ୍ୱୀକାରୋକ୍ତିରେ ସତ୍ୟବାଦୀ ହୋଇଥାଏ ଯେପର୍ଯ୍ୟନ୍ତ ସେ ପ୍ରକୃତ ରୂପେ ବ୍ୟବହାରିକ ପକ୍ଷରୁ ମଧ୍ୟ ଏହା ସାବ୍ୟସ୍ତ କରି ଦେଖାଇ ଦେଉ ଯେ, ପ୍ରକୃତରେ ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହିବି ପ୍ରିୟତମ, ଅଭିଷ୍ଟ, ବାଞ୍ଛିତ ଓ ଆଭପ୍ରାୟିକ ନାହାନ୍ତି । ସୁତରାଂ ଏହା ହେଉଛି ବିଶ୍ୱାସର ସର୍ତ୍ତ । କେବଳ ମୌଖିକ ଉଚ୍ଚାରଣଗତ ସ୍ୱୀକାରୋକ୍ତି ନୁହେଁ । ବରଂ لَا إِلٰهَ إِلَّا اللّٰهُ ଯଦି କହିଛ ତେବେ ନିଜର ଆଚରଣ ଦ୍ୱାରା ଅଲ୍ଲାଃତାଲାଙ୍କ ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରି, ତାହାଙ୍କ ଉପାସନାର କର୍ତ୍ତବ୍ୟ ସମ୍ପାଦନ କରି, ଅଲ୍ଲାଃତାଲାଙ୍କ କର୍ତ୍ତବ୍ୟ ସମ୍ପାଦନ ଏବଂ ଭକ୍ତଙ୍କର କର୍ତ୍ତବ୍ୟ ସମ୍ପାଦନ କରି ଏହା ପ୍ରମାଣିତ କରିବାକୁ ହେବ ଯେ, ଏହା ହେଉଛି ଅଲ୍ଲାଃତାଲାଙ୍କର ଆଦେଶାବଳୀ ଏବଂ ନିଜର ପ୍ରିୟତମ ସକାଶେ ଓ ଯାହାଙ୍କୁ ପ୍ରାପ୍ତ କରିବାର ଅଭିପ୍ରାୟ ରହିଛି ତାହା ସକାଶେ ଓ ଯାହାକୁ ବାଞ୍ଛିତ କରାଯାଏ ତାହା ସକାଶେ ପ୍ରଭୁଙ୍କ ଆଦେଶାବଳୀକୁ କାର୍ଯ୍ୟକାରୀ କରିବା ମଧ୍ୟ ବିଧେୟ ଅଟେ । ସେତେବେଳେ ଯାଇଁ ଜଣେ ବ୍ୟକ୍ତି لَا إِلٰهَ إِلَّا اللّٰهُର ପ୍ରକୃତ କର୍ମଚାରୀ ରୂପେ ବିବେଚି ହେବ । ସେ ଏହାକୁ କାର୍ଯ୍ୟକାରୀ କରିଥାଏ ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: ଯେତେବେଳେ ବ୍ୟକ୍ତିର ଏହି ଅବସ୍ଥା ଥାଏ ଓ ପ୍ରକୃତ ରୂପେ ତା'ର ବିଶ୍ୱାସିକ ତଥା ବ୍ୟବହାରିକ ଅବସ୍ଥା ଉକ୍ତ ସ୍ୱୀକାରୋକ୍ତିର ପ୍ରକାଶକାରୀ ହୋଇଥିବ ତେବେ ସେପରିପ୍ରେକ୍ଷୀରେ ଉକ୍ତ ବ୍ୟକ୍ତିର ସ୍ୱୀକାରୋକ୍ତି ମିଥ୍ୟା ନୁହେଁ । ସମସ୍ତ ବସ୍ତୁବାଦୀ ଜିନିଷ ଦଗ୍ଧୀଭୂତ ହୋଇଯାଇଛି ଏବଂ ଏକ ପ୍ରକାରର ମୃତ୍ୟୁ ତା' ବିଶ୍ୱାସରେ ପ୍ରବିଷ୍ଟ ହୋଇଯାଇଛି । ଏହା ହେଉଛି ବିଶ୍ୱାସିକ ଅବସ୍ଥା । ସେତେବେଳେ ସେ ପାଟିରୁ لَا إِلٰهَ إِلَّا اللّٰهُ ବାହାର କରିଥାଏ ଓ ଏହାର ଦ୍ୱିତୀୟ ଭାଗ مُحَمَّدٌ رَّسُوْلُ اللّٰهِ ତାହା ଉଦହାରଣ ସକାଶେ ଉଦ୍ଦିଷ୍ଟ । କାରଣ ଉଦାହରଣ ଓ ଦୃଷ୍ଟାନ୍ତରୁ ପ୍ରତ୍ୟେକ କଥା ସହଜ ହୋଇଯାଇଥାଏ । ଅବତାରମାନେ ଧରାପୃଷ୍ଠରେ ଉଦାହରଣ ଓ ଦୃଷ୍ଟାନ୍ତ ପାଲଟିବା ନିମନ୍ତେ ଜନ୍ମଗ୍ରହଣ କରିଥାନ୍ତି ଏବଂ ଆଁହଜରତ ସ.ଅ ସମସ୍ତ ଅବତାରମାନଙ୍କର ଚୂଡ଼ାନ୍ତ ଥିଲେ ଏବଂ ଆପଣ ସ.ଅଙ୍କ ଅସ୍ତିତ୍ୱରେ ସମସ୍ତ ଅବତାରମାନଙ୍କର ଉଦାହରଣ ଏକତ୍ରିତ ଥିଲା । **(ମଲଫୁଜାତ୍, ଭାଗ-3, ପୃ-82-83, ପ୍ରକାଶନ ବର୍ଷ-1984 ମସିହା)**

لَا إِلٰهَ إِلَّا اللّٰهُର ପ୍ରକୃତ ଅର୍ଥ ଆପଣ ସ.ଅ ହିଁ ବୁଝିଥିଲେ । ଅଲ୍ଲାଃତାଲାଙ୍କ ଆଦେଶାବଳୀ ରହିଥିଲା ତାହା ଉପରେ ସଠିକ୍ ଭାବରେ ପରିଚାଳିତ ହେବା ସଙ୍ଗେସଙ୍ଗେ ସଠିକ୍ ରୂପେ କୁରଆନୀୟ ଆୟତର ବ୍ୟାଖ୍ୟା କରି ସେହି ଆଦେଶାବଳୀ ଉପରେ ସ୍ୱୟଂ ବ୍ୟବହାରିକ ରୂପେ ତାହାକୁ କାର୍ଯ୍ୟକାରୀ କରିଥିଲେ। ଆପଣ ସ.ଅ ହିଁ ସେହି ପୂର୍ଣ୍ଣ ଉଦାହରଣ ଏବଂ ଆଦର୍ଶ ଯେକି لَا إِلٰهَ إِلَّا اللّٰهُକୁ ପୂର୍ଣ୍ଣ କରି ଦେଖାଇ ଦେଇଛନ୍ତି ଏବଂ ଏହାକୁ କାର୍ଯ୍ୟକାରୀ ମଧ୍ୟ କରିଛନ୍ତି ।

ନିଜର ଅନୁଗାମୀମାନଙ୍କୁ ଉପଦେଶ ଦେଇ ହ. ମସିହ୍ ମଉଦ୍ ଅ.ସ କୁହନ୍ତି, "ପାରମ୍ପାରିକ ବୈଅତ୍‌ର କୌଣସି ମୂଲ୍ୟ ନାହିଁ । ତାହା ଲାଭ ପ୍ରଦାନ କରି ନଥାଏ। ଏହିଭଳି ଔପଚାରିକ ବୈଅତ୍‌ରେ ଅଂଶଗ୍ରହଣ କରିବା ଅତ୍ୟନ୍ତ କଷ୍ଟଦାୟକ ଅଟେ। ଅର୍ଥାତ୍ ଯେପର୍ଯ୍ୟନ୍ତ ମନୁଷ୍ୟ ନିଜର ଅସ୍ତିତ୍ୱ ମଧ୍ୟରେ ଥିବା ଆତ୍ମ ବଡ଼ିମା ଓ ଅହଂ ଭାବକୁ ପରିତ୍ୟାଗ କରିଦେଇ ନୈସର୍ଗିକ ତଥା ନୈଷ୍ଠିକ ରୂପେ ବୈଅତ୍ କରି ଯୁଗାବତାରଙ୍କ ସହିତ ସଂଶ୍ଳୀଷ୍ଟ ହୋଇଯିବା ଫଳରେ ହିଁ ବୈଅତ୍ କରିବା ଫଳପ୍ରଦ ହୋଇଥାଏ । ଯେଉଁ ବ୍ୟକ୍ତିର ବୈଅତ୍ (ଦୀକ୍ଷା ଗ୍ରହଣ) କରିଛ ପୂର୍ଣ୍ଣ ପ୍ରେମ ତଥା ଆନ୍ତରୀକତାର ସହିତ ଏବଂ ନିଷ୍ଠାପର ସହିତ ତା' ସହିତ ହୋଇଯାଅ । ସେତେବେଳେ ବୈଅତ୍ କରିବା ଲାଭଦାୟକ ସାବ୍ୟସ୍ତ ହେବ । କପଟବିଶ୍ୱାସୀମାନେ ଆଁହଜରତ ସ.ଅଙ୍କ ସହିତ ପ୍ରେମ, ଆନ୍ତରୀକତା ତଥା ନିଷ୍ଠାପୂର୍ଣ୍ଣ ସଂପର୍କ ନହେବା ଯୋଗୁଁ ପରିଶେଷରେ ଅବିଶ୍ୱାସକାରୀ ହୋଇ ରହିଲେ। ସେମାନେ ମଧ୍ୟ ପ୍ରକାଶ୍ୟଗତ ବୈଅତ୍ କରିଥିଲେ । ସେମାନଙ୍କ ମଧ୍ୟରେ ପ୍ରକୃତ ପ୍ରେମ ଓ ନିଷ୍ଠାପରତା ସୃଷ୍ଟି ନହେଉ । ତେଣୁ ପ୍ରକାଶ୍ୟ ରୂପେ لَا إِلٰهَ إِلَّا اللّٰهُ ସେମାନଙ୍କ ପାଇଁ ଉପଯୋଗୀ ହେଲା ନାହିଁ । ହୁଜୁର୍ ଅ.ସ କୁହନ୍ତି: "ତେବେ ସେହି ସଂପର୍କଗୁଡ଼ିକୁ ବୃଦ୍ଧି କରିବା ନିତାନ୍ତ ଆବଶ୍ୟକୀୟ ପ୍ରସଙ୍ଗ ଅଟେ । ଯଦି ସେହି ସଂପର୍କକୁ ସେ ଅର୍ଥାତ ଅଭିଳାଷୀ ବ୍ୟକ୍ତି ବୃଦ୍ଧି କରେ ନାହିଁ ଓ ପ୍ରୟାସ କରେ ନାହିଁ ତେବେ ତା'ର ଅଭିଯୋଗ ତଥା ଦୁଃଖ ପ୍ରକାଶ କରିବା ମୂଲ୍ୟହୀନ ଅଟେ। ପ୍ରେମ ଓ ନିଷ୍ଠାପୂର୍ଣ୍ଣ ସଂପର୍କ ବୃଦ୍ଧି କରିବା ଉଚିତ୍ । ଯଥାସମ୍ଭବ ସେହି ବ୍ୟକ୍ତି (ଅର୍ଥାତ ପୀର) ସହିତ ଆସ୍ଥା ଓ ପନ୍ଥାରେ ସମାନ ହେଉ । ଆପଣ ଅ.ସ କହିଲେ, ଆତ୍ମା ଦୀର୍ଘାୟୁ ହେବା ନିମନ୍ତେ ପ୍ରତିଶୃତି ଦେଇଥାଏ । ମନୁଷ୍ୟ ଚିନ୍ତା କରିଥାଏ

ଯେ, ବର୍ତ୍ତମାନ ଆହୁରି ଅନେକ ଜୀବନ ପଡ଼ିଛି । ମୁଁ ବର୍ତ୍ତମାନ ଯୁବ ଅଟେ । ଏହା ପ୍ରତାରଣରେ ବୟସର ଭରସା ନାହିଁ । ତେଣୁ ଶୀଘ୍ରାତିଶୀଘ୍ର ସତ୍ୟତା ଓ ଉପାସନା ପ୍ରତି ଆନତ ହେବା ଉଚିତ୍ ଏବଂ । ଯଥାସମ୍ଭବ ସଦ୍‌ମାର୍ଗଗୁଡ଼ିକ ଉପରେ ଏବଂ ଉପସାନା ଆଦି ପ୍ରସଙ୍ଗରେ ମାର୍ଗଦର୍ଶକଙ୍କ ପରି ହୋଇ, ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ନିଜର ଆତ୍ମସମୀକ୍ଷା କରିବା ଉଚିତ । ଅର୍ଥାତ ଆମେମାନେ କେତେଦୂର ପର୍ଯ୍ୟନ୍ତ لا إله إلا الله ଉପରେ କାର୍ଯ୍ୟାନୁସରଣ କରିଛୁ ?" **(ମଲଫୁଜାତ୍, ଭାଗ-1, ପୃ-5, ପ୍ରକାଶନ ବର୍ଷ-1984 ମସିହା)**

ଆପଣ ଅ.ସ ପୁନଶ୍ଚ କହିଲେ ମୋର ଏହି ଅଭିପ୍ରାୟ କଦାପି ନୁହେଁ ଯେ, ମୁସଲମାନମାନେ କଲ୍‌ମା ପାଠ କରି ଆଳସ୍ୟପରାୟଣ ହୋଇଯାଆନ୍ତୁ । ନା। ଇସଲାମ୍ ଧର୍ମ କାହାରିକୁ ଆଳସ୍ୟପରାୟଣ କରି ନଥାଏ ! ବରଂ ନିଜର ବ୍ୟବସାୟ ବାଣିଜ୍ୟ ଓ କର୍ମକ୍ଷେତ୍ରରେ ମଧ୍ୟ ବ୍ୟସ୍ତ ରୁହନ୍ତୁ । କିନ୍ତୁ ମୁଁ ଏହା ପସନ୍ଦ କରୁ ନାହିଁ ଯେ, ଈଶ୍ୱରଙ୍କ ପାଇଁ ସେମାନଙ୍କ ନିକଟରେ କୌଣସି ସମୟ ନରହୁ। ବାଣିଜ୍ୟ ବୟବସାୟ ସମୟରେ ବାଣିଜ୍ୟ ବ୍ୟବସାୟ କରନ୍ତୁ ଓ ଅଲ୍ଲାଃତାଲାଙ୍କର ଭୟକୁ ସେତେବେଳେ ମଧ୍ୟ ଦୃଷ୍ଟି ସମ୍ମୁଖରେ ରଖନ୍ତୁ । ତତ୍‌ସହିତ ସେମାନେ (ଭକ୍ତ) ପ୍ରଭୁଙ୍କ କର୍ତ୍ତବ୍ୟ ମଧ୍ୟ ସମ୍ପାଦନ କରିବା ପ୍ରତି ମଧ୍ୟ ଧ୍ୟାନ ଦେବା ଉଚିତ୍। ଅଲ୍ଲାଃତାଲାଙ୍କ ଭୟକୁ ବ୍ୟବସାୟ କରିବା ସମୟରେ ମଧ୍ୟ ଧ୍ୟାନରେ ରଖନ୍ତୁ । ନମାଜ ସମୟରେ ନମାଜ ଛାଡ଼ ନାହିଁ । ପ୍ରତ୍ୟେକ ପ୍ରସଙ୍ଗରେ ଧର୍ମକୁ ସର୍ବଦା ପ୍ରାଧାନ୍ୟ ଦିଆଯାଉ । ଧର୍ମକୁ ଅଗ୍ରାଧିକାର ଦେବା ବାଞ୍ଛନୀୟ ଅଟେ । ଆମେମାନେ ନିଜର ବ୍ୟକ୍ତିଗତ ଶପଥରେ ସାଂସାରିକ ପ୍ରସଙ୍ଗରେ ଏହି ଶପଥ ମଧ୍ୟ କରିଥାଉ ଯେ, ଆମେମାନେ ସାଂସାରିକତା ତୁଳନାରେ ଧର୍ମକୁ ପ୍ରାଧାନ୍ୟ ଦେବୁ । ଅତଏବ ହୁଜୁର୍ ଅ.ସ କହିଲେ, କେବଳ ସାଂସାରିକତା ମୋହମାୟା ଓ ସୁଖସ୍ୱାଚ୍ଛନ୍ଦ୍ୟ ପ୍ରାପ୍ତି ଆସକ୍ତ ହେବା ତା'ର ଅଭିପ୍ରାୟ ନହେଉ । ବରଂ ଧର୍ମକୁ ପ୍ରାଧାନ୍ୟ ଦେବା ତା'ର ପରମ ଲକ୍ଷ୍ୟ ହେବା ଉଚିତ । ତେବେ ଯାଇ ସାଂସାରିକ କାର୍ଯ୍ୟ ଧର୍ମାନୁଯାୟୀ ସମ୍ପାଦିତ ହେବ । ସାହାବାମାନଙ୍କୁ ଦେଖ ! ସାହାବାଗଣ ମଧ୍ୟ ଘଡ଼ିସନ୍ଧି ମୁହୂର୍ତ୍ତରେ ଈଶ୍ୱରଙ୍କୁ ପରିତ୍ୟାଗ କରିଦେଇ ନଥିଲେ, ନା ହିଁ ପ୍ରଭୁଙ୍କ ଉପାସନା କରିବାରେ ସେମାନେ କେବେ ଅବହେଳା ପ୍ରଦର୍ଶନ କରିଥିଲେ । ସେମାନେ କେବଳ ନମାଜ ପଢ଼ୁ ନଥିଲେ । ତାହା ନୁହେଁ ବରଂ ସେମାନେ ଦୁଆକୁ ମଧ୍ୟ ବିନିଯୋଗ କଲେ। ଦୁର୍ଭାଗ୍ୟର ବିଷୟ ଏହିକି ଯେ, ବର୍ତ୍ତମାନ ଲୋକମାନେ ଖୁବ ଚେଷ୍ଟା କରୁଛନ୍ତି ଏବଂ ବଡ଼ ବଡ଼ ଭାଷଣ ଦେଉଛନ୍ତି لا إله إلا الله ର କଥା କୁହନ୍ତି, ଜଲ୍‌ସା କରନ୍ତି ଯେ, ମୁସଲମାନମାନେ ଉନ୍ନତି କରିବେ । କିନ୍ତୁ ସେମାନେ ଅଲ୍ଲାଃତାଲାଙ୍କ ଠାରୁ ଏପରି ଅବଚେତନ ଅଟନ୍ତି ଯେପରିକି ସେମାନେ ଭୁଲ ବଶତଃ ମଧ୍ୟ ତାହାଙ୍କ ଆଡ଼କୁ ଧ୍ୟାନ ଦେଉ ନାହାନ୍ତି । ସୁତରାଂ ଏଭଳି ପରିସ୍ଥିତିରେ ଆଉ କ'ଣ ବା ଆଶା କରଯାଇପାରିବ ଯେ, ସେମାନଙ୍କର ପ୍ରୟାସ ଫଳପ୍ରଦ ହେବ । କିନ୍ତୁ ସେହି ସମସ୍ତ ପ୍ରୟାସ ସାଂସାରିକତା ନିମନ୍ତେ ଉଦ୍ଦିଷ୍ଟ ଅଟେ । ଅର୍ଥାତ୍ ସଂସାର ନିମନ୍ତେ ସମସ୍ତ ପ୍ରୟାସ ରହିଛି । ସେମାନେ ମୁସଲମାନମାନଙ୍କର ନାମକୁ ବ୍ୟବହାର କରୁଛନ୍ତି ଏବଂ ଅଲ୍ଲାଃତାଲାଙ୍କ ଧର୍ମର ନାମକୁ ବିନିଯୋଗ କରୁଛନ୍ତି । ଆପଣ ଅ.ସ କୁହନ୍ତି: "ମନେରଖ ଯେପର୍ଯ୍ୟନ୍ତ لا إله إلا الله ହୃଦୟରେ ଓ ଶରୀର ମଧ୍ୟରେ ପ୍ରବିଷ୍ଟ ହୋଇଯାଇ ନାହିଁ, ଅସ୍ତିତ୍ୱର ପ୍ରତ୍ୟେକ କଣିକାରେ ଇସ୍‌ଲାମ୍ ଧର୍ମର ଆଲୋକ ଏବଂ ଆଧିପତିତ୍ୱ ବିସ୍ତାରିତ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ତୁମେମାନେ କେବେ ବି ଉନ୍ନତି କରିପାରିବ ନାହିଁ ।"**(ମଲଫୁଜାତ୍, ଭାଗ-2, ପୃ-158-159, ପ୍ରକାଶନ ବର୍ଷ 1984 ମସିହା)**

ଆପଣ ଅ.ସ ପୁନଶ୍ଚ କହିଲେ ଯଦି ଉନ୍ନତି କରିବାକୁ ଚାହୁଁଛ ତେବେ لا إله إلا الله ର ଅର୍ଥକୁ ବୁଝିବାକୁ ପଡ଼ିବ । ଅଲ୍ଲାଃତାଲାଙ୍କୁ ହିଁ ନିଜ ଅସ୍ତିତ୍ୱର ପରମ ଅଭିପ୍ରାୟ ରୂପେ ବରଣ କରିବାକୁ ହେବ । ସଂସାରିକତାକୁ ନୁହେଁ । ପୁନଶ୍ଚ କଲମା ତୟେବା (ପବିତ୍ର ଉକ୍ତି)ର ବାସ୍ତବତା ଏବଂ ଏହାର ଅର୍ଥକୁ ବୁଝି ଏହାକୁ କିପରି କାର୍ଯ୍ୟକାରୀ କରିବା ଉଚିତ୍ ତତ୍‌ସଂପର୍କରେ ବର୍ଣ୍ଣନା କରି ଆପଣ ଅ.ସ କୁହନ୍ତି: "ମୁଁ ଅନେକ ଥର ପ୍ରକାଶ କରି ସାରିଛି ଯେ, ତୁମମାନେ କେବଳ ଏତିକିରେ ପ୍ରସନ୍ନ ହୋଇଯାଅ ନାହିଁ ଯେ, ଅଲ୍ଲାଃତାଲା କେବେ ମୌଖିକ قِيل وقال ରୁ ସନ୍ତୁଷ୍ଟ ଏବଂ ପ୍ରସନ୍ନିତ ହୁଅନ୍ତି ନାହିଁ । ଯେପର୍ଯ୍ୟନ୍ତ ବ୍ୟବହାରିକ ଅବସ୍ଥା ସଂଶୋଧିତ ହୋଇଯାଇ ନାହିଁ ସେପର୍ଯ୍ୟନ୍ତ କେବଳ ତୁଣ୍ଡରୁ ଉଚ୍ଚାରିତ କଥା ଦ୍ୱରା ମନୁଷ୍ୟ ମଧ୍ୟରେ କୌଣସି ବିଶେଷତା ଉତ୍ପନ୍ନ ହୋଇପାରିବ ନାହିଁ। ଇହୁଦୀମାନଙ୍କ ଉପରେ ମଧ୍ୟ ଏପରି ଏକ ଯୁଗ ଆସିଥିଲା ଯେ, ସେମାନଙ୍କ ଠାରେ କେବଳ ଗାଲଗପ ହିଁ ରହି ଯାଇଥିଲା ଏବଂ ସେମାନେ କେବଳ ମୌଖିକ କଥା ଉପରେ ହିଁ ବିଶ୍ୱାସ କରୁଥିଲେ ଏବଂ ମୌଖିକ କଥାକୁ ହିଁ ସେମାମନେ ଯଥେଷ୍ଟ ବୋଲି ମନେକରୁଥିଲେ । ମୁଖରୁ ସେମାନେ ଅନେକ କଥା କହୁଥିଲେ କିନ୍ତୁ ହୃଦୟରେ ନାନ ପ୍ରକାରର କୁଚିନ୍ତାଧାରା ଓ ବିଷାକ୍ତ ପଦାର୍ଥ ପୂରି ରହିଥିଲା । ଏହି କାରଣରୁ ଅଲ୍ଲାଃତାଲା ସେହି ଜାତି ଉପରେ ନାନା ପ୍ରକାରର ଶାସ୍ତି ଅବତୀର୍ଣ୍ଣ କଲେ ଓ ସେମାନଙ୍କୁ ବିଭିନ୍ନ ବିପତ୍ତିରେ ପକାଇଲେ, ସେମାନଙ୍କୁ ତିରସ୍କୃତ କଲେ । ଏପର୍ଯ୍ୟନ୍ତକି ଅଲ୍ଲାଃତାଲା ସେମାନଙ୍କୁ ଘୁଷୁରି ଓ ମାଙ୍କଡ଼ କରିଦେଲେ ।" ଆପଣ ଅ.ସ କହିଲେ: "ଏହା ଚିନ୍ତାଜନକ ବିଷୟ ଅଟେ । ସେମାନେ କ'ଣ ତୌରାତ୍‌କୁ ମାନୁ ନଥିଲେ ? ଅବଶ୍ୟ ମାନୁଥିଲେ ଏବଂ ଅବତାରମାନଙ୍କୁ ମଧ୍ୟ ସ୍ୱୀକାର କରୁଥିଲେ । କିନ୍ତୁ ଅଲ୍ଲାଃତାଲା ଏତିକି କଥାକୁ ପସନ୍ଦ କଲେ ନାହିଁ ଯେ, ସେମାନେ କେବଳ ମୌଖିକ କଥାକୁ ଗ୍ରହଣ କରିବେ ଓ ସେମାନଙ୍କ ହୃଦୟ ମୁଖ ସହିତ ଏକମତ ନଥିଲା ? ସେମାନେ କୌଣସି କଥା ମୁଖରୁ ତ' ଉଚ୍ଚାରଣ କରୁଥିଲେ କିନ୍ତୁ ହୃଦୟର ସହିତ ତାହାକୁ କାର୍ଯ୍ୟକାରୀ କରୁ ନଥିଲେ ।"

ଆପଣ ଅ.ସ କୁହନ୍ତି: ସ୍ମରଣ ରଖିବା ଉଚିତ୍ ଯେ, ଯଦି କୌଣସି ବ୍ୟକ୍ତି ତୁଣ୍ଡରୁ ବା ମୁଖରୁ କୁହେ ଯେ, ମୁଁ وَحْدَهٗ لَا شَرِيْك କୁ ସ୍ୱୀକାର କରେ ଓ ଆଁହଜରତ ସ.ଅଙ୍କ ଅବତାରତ୍ୱ ଉପରେ ବିଶ୍ୱାସ ଆଣିଥାଏ । ସେହିପରି ଉକ୍ତ ବ୍ୟକ୍ତି ବିଶ୍ୱାସ ପ୍ରସଙ୍ଗର ମଧ୍ୟ ସ୍ୱୀକାରୋକ୍ତି ପ୍ରକାଶକାରୀ ହୋଇଥାଏ । କିନ୍ତୁ ଯଦି ଏହି ସ୍ୱୀକାରୋକ୍ତି କେବଳ ତୁଣ୍ଡ ବା ମୁଖ ପର୍ଯ୍ୟନ୍ତ ହିଁ ସୀମିତ ଓ ହୃଦୟ ଏହାର ସମର୍ଥନ ଜଣାଉ ନାହିଁ ତେବେ ଏହା ମୌଖିକ କଥା ହେବ । ଯେପର୍ଯ୍ୟନ୍ତ ମନ ମଧ୍ୟରୁ ସ୍ୱର ଉଠି ନାହିଁ ସେପର୍ଯ୍ୟନ୍ତ ମୁଖୋଚ୍ଚାରଣ କରିଦେବା ଯଥେଷ୍ଟ ନୁହେଁ । ଯେପର୍ଯ୍ୟନ୍ତ ମନୁଷ୍ୟର ହୃଦୟ ବିଶ୍ୱାସ ଆଣି ନାହିଁ ସେପର୍ଯ୍ୟନ୍ତ ମୋକ୍ଷ ପ୍ରାପ୍ତ ହୋଇପାରିବ ନାହିଁ । ଯେପର୍ଯ୍ୟନ୍ତ ବ୍ୟକ୍ତି ନିର୍ମଳ ହୃଦୟ ହୋଇ ବିଶ୍ୱାସ ଆଣି ନାହିଁ ସେ ପର୍ଯ୍ୟନ୍ତ ତା'କୁ ମୋକ୍ଷ ପ୍ରାପ୍ତ ମିଳି ପାରିବ ନାହିଁ । ତେଣୁ ବ୍ୟକ୍ତି ପକ୍ଷେ ବିଶ୍ୱାସ ଆଣିବା ଏକାନ୍ତ ଅପରିହାର୍ଯ୍ୟ । ବିଶ୍ୱାସ ଆଣିବା କହିଲେ, ଯେପର୍ଯ୍ୟନ୍ତ ବ୍ୟକ୍ତି ନିଜର ବ୍ୟବହାରିକ ଅବସ୍ଥାରେ ସେହି ପ୍ରସଙ୍ଗକୁ ପରିପ୍ରକାଶିତ କରିଦେଇ ନାହିଁ ସେପର୍ଯ୍ୟନ୍ତ କୌଣସି ପ୍ରସଙ୍ଗ ସମ୍ଭବପର ହୋଇ ନଥାଏ । ବ୍ୟବହାରିକ ଅବସ୍ଥା କ'ଣ ? ବ୍ୟବହାରିକ ଅବସ୍ଥା କହିଲେ ଅଲ୍ଲାଃତାଲାଙ୍କର ଆଦେଶାବଳୀଗୁଡ଼ିକ ସଂପର୍କରେ ପବିତ୍ର କୁରାଆନ୍ କରୀମ୍ ସ୍ପଷ୍ଟୀକରଣ ପ୍ରଦାନ କରିଛି ।

ଆପଣ ଅ.ସ କୁହନ୍ତି: "ମୁଁ ସତ ସତ କହିଦେଉଛି ଯେ, ପ୍ରକୃତ ସଫଳତା ସେତେବେଳେ ହିଁ ପ୍ରାପ୍ତ ହୋଇପାରିବ ଯେତେବେଳେ ସବୁକିଛି ପରିତ୍ୟାଗ କରି ଅଲ୍ଲାଃତାଲାଙ୍କ ଆଡ଼କୁ ଧ୍ୟାନ କେନ୍ଦ୍ରିତ କରି ଓ ପ୍ରକୃତରେ ସଂସାରିକତା ଉପରେ ଧର୍ମକୁ ପ୍ରାଧାନ୍ୟ ଦେବା ଉଚିତ୍ । କେବଳ ପ୍ରତିଶୃତି, ଅଙ୍ଗୀକାର କରିଦେବା ଦ୍ୱାରା ସଫଳତା ପ୍ରାପ୍ତ ହୋଇ ନଥାଏ ବରଂ ବ୍ୟବହାରିକ ରୂପେ ଧର୍ମକୁ ସାଂସାରିକତା ଉପରେ ପ୍ରାଧାନ୍ୟ ଦେବାକୁ ହେବ ।"

ହୁଜୁର ଅ.ସ କୁହନ୍ତି: ମନେରଖ ! ମନୁଷ୍ୟ ଅନ୍ୟ ବ୍ୟକ୍ତିକୁ ଧୋକା ଦେଇ ପାରିବ। ଅର୍ଥାତ ଜଣେ ବ୍ୟକ୍ତି ଜଣକ ଲୋକ ଦେଖାଣିଆପୂର୍ବକ ପାଞ୍ଚବେଳା ନମାଜ ପାଠ କରିଥାଏ ଏବଂ ପୁଣ୍ୟ କର୍ମ ସମ୍ପାଦନ କରି ଅନ୍ୟକୁ ଧୋକା ଦେଇପାରିବ । ଦେଖଣାହାରୀ ଲୋକମାନେ ଉକ୍ତ ବ୍ୟକ୍ତି କିମ୍ବା କୌଣସି ବ୍ୟକ୍ତିର କର୍ମକୁ ଦେଖି, ମସ୍‌ଜିଦକୁ ଆସି ନଫିଲ୍ ନମାଜ ପାଠ କରୁଥିବାର ଦେଖି କହିପାରିବେ ଯେ, ଉକ୍ତ ବ୍ୟକ୍ତି ଜଣକ ପାଞ୍ଚବେଳା ନମାଜ ପାଠକାରୀ ଅଟେ, ମସ୍‌ଜିଦକୁ ଆସିଥାଏ ।, ପୁଣ୍ୟ କର୍ମ ସମ୍ପାଦନ କରିଥାଏ, ଚାନ୍ଦା ଦେଉଛି, ଅତ୍ୟନ୍ତ ପୁଣ୍ୟବାନ ବ୍ୟକ୍ତିଟିଏ ଅଟେ । ଲୋକମାନେ ଏହି କର୍ମ ଦ୍ୱାରା ଭ୍ରମିତ ହୋଇପାରିବେ କିନ୍ତୁ ଅଲ୍ଲାଃତାଲାଙ୍କୁ ଭ୍ରମ ତଥା ଧୋକା ଲାଗିପାରିବ ନାହିଁ । ତେଣୁ ନିଜର କ୍ରମରେ ସର୍ବଦା ଏକ ପ୍ରକାରର ନିଷ୍ଠା ରହିବା ଉଚିତ୍ । ଯେଉଁ କର୍ମ ସମ୍ପାଦନ କରିବାର ଅଛି ତହିଁରେ ନିଷ୍ଠା ରହିବା ଉଚିତ୍ ଏବଂ ତାହା କେବଳ ଅଲ୍ଲାଃତାଲାଙ୍କ ସକାଶେ ରହିବା ଉଚିତ୍। ଏହା ହିଁ ଏକମାତ୍ର ପନ୍ଥା ଯାହା କର୍ମରେ ଯୋଗ୍ୟତା ଏବଂ ସୌନ୍ଦର୍ଯ୍ୟତ୍ୟ ସୃଷ୍ଟି

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

**"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।**

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।**

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

କରିଥାଏ । " ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ବର୍ତ୍ତମାନ ସ୍ମରଣ ରଖିବା ଉଚିତ୍ ଯେ, ଆମେମାନେ ପ୍ରତ୍ୟେକ ଦିନ ଯେଉଁ କଲ୍‌ମା ପାଠ କରିଥାଉ ତାହାର କ'ଣ ଯଥାର୍ଥତା ରହିଛି ? କଲ୍‌ମାର ଅର୍ଥ ହେଲା ମନୁଷ୍ୟ ତୁଣ୍ଡରୁ ଉଚ୍ଚାରଣ କରିଥାଏ ଓ ହୃଦୟରୁ ପୁଷ୍ଟି କରିଥାଏ ଯେ, ଅଲ୍ଲାଃତାଲାଙ୍କ ବ୍ୟତୀତ ମୋର ଆରାଧ୍ୟ, ଉପାସ୍ୟ, ପ୍ରିୟତମ ଓ ଅଭିପ୍ରାୟ ଅନ୍ୟ କେହି ନୁହନ୍ତି ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେପିରିକି ପୂର୍ବେ ବର୍ଣ୍ଣିତ ହୋଇ ସାରିଛି ଯେ, ଆପଣ ଅ.ସ କହିଲେ,"اِلٰه ଶବ୍ଦଟି ପ୍ରିୟତମ, ପ୍ରକୃତ ଅଭିପ୍ରାୟ ଓ ଉପାସ୍ୟ ନିମନ୍ତେ ବ୍ୟବହୃତ ହୋଇଥାଏ । ସବୁଠି ବେଶୀ ପ୍ରେମ ସେହି ଈଶ୍ୱରଙ୍କ ସହିତ ହେବା ଉଚିତ୍ ନା କି ସାଂସାରିକ ବସ୍ତୁ ଓ ସାଂସାରିକ ସ୍ୱାର୍ଥ । ସାଂସାରିକ ସୁଖ ସ୍ୱାଚ୍ଛନ୍ଦ୍ୟ ପ୍ରାପ୍ତ କରିବା ପରମ ଅଭିପ୍ରାୟ ହେବା ଅନୁଚିତ୍ । ସୁତାରଂ ସାଂସାରିକ ବସ୍ତୁର ଉପାସନା କରିବା ଅନୁଚିତ୍ । ଉପାସନା କେବଳ ସେହି ସତ୍ତାଙ୍କର କରାଯାଉ । ଅନ୍ୟ ବସ୍ତୁକୁ ଯଦି ଉପାସନା କରାଯାଉଛି ତେବେ ତହିଁରେ ଗୁପ୍ତ ଶିର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା) ଥିବା ସ୍ୱଭାବିକ । ଆପଣ ଅ.ସ କୁହନ୍ତି: "اِلٰه ଶବ୍ଦଟି ପ୍ରିୟତମ ଓ ପରମ ଅଭିପ୍ରାୟ ଓ ପରମ ଉପାସ୍ୟଙ୍କ ନିମନ୍ତେ ଉଦ୍ଦିଷ୍ଟ ତଥା ପ୍ରଯୁଜ୍ୟ ଅଟେ । ଉକ୍ତ ବାଣୀଟି ପବିତ୍ର କୁରଆନ୍ କରୀମ୍‌ର ସମସ୍ତ ଶିକ୍ଷାର ସାରାଂଶ ଅଟେ । ଉକ୍ତ ଉକ୍ତିରେ ମୁସଲମାନମାନଙ୍କୁ ଏକ ଶିକ୍ଷା ପ୍ରଦାନ କରାଯାଇଛି । ଯଦିଓ ଏକ ବହତାକାୟ ତଥା ମହାଗ୍ରନ୍ଥକୁ ମନେରଖିବା ସହଜ ସାଧ୍ୟ କଥା ନୁହେଁ । କିନ୍ତୁ ସଂପୂର୍ଣ୍ଣ ପବିତ୍ର କୁରଆନ୍ କରୀମ୍‌କୁ ମନେରଖିବା, ମୁଖସ୍ତ କରିବା ସହଜ ସାଧ୍ୟ ନୁହେଁ । ତେଣୁ ଏହି ଶିକ୍ଷା ଦିଆଗଲା ଯେ, ଅର୍ଥାତ لَا اِلٰهَ اِلَّا اللّٰهُ ର । କାରଣ ମନୁଷ୍ୟ ସବୁବେଳେ ଇସ୍‌ଲାମୀୟ ଶିକ୍ଷାର ସାରମର୍ମକୁ ସ୍ମରଣ ରଖୁ ।" ଇସ୍‌ଲାମୀୟ ଶିକ୍ଷାର ସାରତତ୍ତ୍ୱ ଭିତ୍ତିକ ଶିକ୍ଷା ହେଲା لَا اِلٰهَ اِلَّا اللّٰهُ । ଅର୍ଥାତ ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ବି ଉପାସ୍ୟ ନୁହନ୍ତି । ସେ ହିଁ ମୋର ଅଭିଷ୍ଟ, ସେ ହିଁ ମୋର ପରମ ଅଭିପ୍ରାୟ ଓ ସେ ହିଁ ମୋର ପ୍ରିୟତମ ଅଟନ୍ତି । ସୁତରାଂ ମନୁଷ୍ୟ ମଧ୍ୟରେ ଯେତେବେଳେ ଉକ୍ତ ସତ୍ୟତା ସୃଷ୍ଟି ହୋଇଯାଇ ନାହିଁ ସେପର୍ଯ୍ୟନ୍ତ ସେହି ବ୍ୟକ୍ତି ମୋକ୍ଷ ପ୍ରାପ୍ତ କରିପାରିବ ନାହିଁ । ତେଣୁ ଆଁହଜରତ ସ.ଅ କହିଲେ:" مَنْ قَالَ لَا اِلٰهَ اِلَّا اللّٰهُ دَخَلَ الْجَنَّةَ ଅର୍ଥାତ୍ ଯେଉଁ ବ୍ୟକ୍ତି ସତ୍‌ହୃଦୟ, ନିଷ୍ଠାପୂର୍ଣ୍ଣ ହୃଦୟ ହୋଇ لَا اِلٰهَ اِلَّا اللّٰهُ କୁ ସ୍ୱୀକାର କରିନେଲା ତେବେ ଉକ୍ତ ବ୍ୟକ୍ତି ଜଣକ ଅବାଧରେ ସ୍ୱର୍ଗପୁରରେ ପ୍ରବେଶ କରିବ । ଏହାର ବ୍ୟଖ୍ୟା କରି ଆପଣ ଅ.ସ କୁହନ୍ତି: "ଲୋକମାନେ ଏହା ଭାବନ୍ତି ଯେ, ସେମାନେ ଶୁଆ ପରି ଶବ୍ଦର ଉଚ୍ଚାର କରିଦେଲେ ସେମାନେ ବୈକୁଣ୍ଠରେ ପ୍ରବେଶ କରିଯିବେ। ତେଣୁ ଲୋକମାନେ ତହିଁରେ ଭ୍ରମର ଶିକାର ହୁଅନ୍ତି । ଏପରି କଦାପି ନୁହଁ । ଯଦି ଏହିପରି ସତ୍ୟତା ଉକ୍ତ ଉକ୍ତି ମଧ୍ୟରେ ହୋଇଥାଆନ୍ତା ତେବେ ସମସ୍ତ କର୍ମ ବୃଥା ଏବଂ କର୍ମକୁଣ୍ଠ ହୋଇଯାଇଥାଆନ୍ତା । ସୁତରାଂ ଯଦି لَا اِلٰهَ اِلَّا اللّٰهُ କହିବା ଦ୍ୱାରା ଯଦି ସ୍ୱର୍ଗ ପ୍ରାପ୍ତି ହୋଇଯିବ ବା ବ୍ୟକ୍ତି ସ୍ୱର୍ଗରେ ପ୍ରବେଶ କରିନେବ ତେବେ ମନୁଷ୍ୟର ସମସ୍ତ କର୍ମ ସମାପ୍ତ ହୋଇଗଲା । ପବିତ୍ର କୁରଆନ୍ କରୀମ୍‌ରେ ଯେଉଁ ଅନେକ ଆଦାଶେବଳୀ ରହିଛି ତାହାର କୌଣସି ଆବଶ୍ୟକତା କ'ଣ ଥିଲା? **ନାଉଜୁ ବିଲ୍ଲାଃ** ଧର୍ମବିଧାନ ମିଥ୍ୟା ଏବଂ ନିରର୍ଥକ ବିବେଚିତ ହୁଅନ୍ତା ତାହା ନୁହେଁ ବରଂ ଏହାର ସତ୍ୟତା ଏହିକି ଯେ, ତହିଁରେ ସେହି ସତ୍ୟତା ସନ୍ନିହିତ ରହିଛି ଏବା ତାହା ବ୍ୟବହାରିକ ରୂପେ ମନୁଷ୍ୟର ହୃଦୟରେ ପ୍ରବିଷ୍ଟ ହୋଇଯାଉ । ଯେତେବେଳେ ଏହି କଥା ସୃଷ୍ଟି ହୋଇଯାଇଥାଏ ସେତେବେଳେ ଏହିଭଳି ବ୍ୟକ୍ତି ପ୍ରକୃତରେ ବୈକୁଣ୍ଠରେ ପ୍ରବେଶ କରିଥାଏ । ଅର୍ଥାତ ମନୁଷ୍ୟ ଯେତେବେଳେ لَا اِلٰهَ اِلَّا اللّٰهُ ଅର୍ଥକୁ ହୃଦୟଙ୍ଗମ କରିନିଏ ସେତେବେଳେ ସେ ଅବାଧରେ ସ୍ୱର୍ଗରେ ପ୍ରବେଶ କରିଥାଏ । ଅର୍ଥାତ୍ ବ୍ୟକ୍ତି କେବଳ ମୃତ୍ୟୁ ପରେ ସ୍ୱର୍ଗକୁ ଅବଲୋକନ କରି ନେଇଥାଏ ତାହା ନୁହେଁ ବରଂ ସେ ମୃତ୍ୟୁ ପରେ ଇହ ଜୀବନରେ ହିଁ ସ୍ୱର୍ଗ ପୁରୁକୁ ଅବଲୋକନ କରି ନେଇଥାଏ ।"

ଅନ୍ୟ ଏକ ସ୍ଥାନରେ ଓ ଏକ ସଭାରେ ଆପଣ ଅ.ସ ଚର୍ଚ୍ଚା କରନ୍ତି ଯାହାକୁ ଅନ୍ୟ ସମ୍ବାଦପତ୍ର ଅତିରିକ୍ତ ବ୍ୟାଖ୍ୟା ଦ୍ୱାରା ଏହିପରି ଉଲ୍ଲେଖ କରିଛନ୍ତି । ଆପଣ ଅ.ସ କୁହନ୍ତି: "ଅଲ୍ଲାଃତାଲାଙ୍କୁ ଶବ୍ଦ ସହିତ କୌଣସି ସଂପର୍କ ନଥାଏ । ବରଂ ସେ ହୃଦୟ ସହିତ ସଂପର୍କ ରଖନ୍ତି । ଏହାର ଅର୍ଥ ଏହିକି ଯେ, ଯେଁଉ ଲୋକମାନେ ବାସ୍ତବରେ ଉକ୍ତ ବାଣୀର ଅର୍ଥକୁ ନିଜ ମନରେ ପ୍ରବିଷ୍ଟ କରାଇ ନିଅନ୍ତି ଓ ଅଲ୍ଲାଃତାଲାଙ୍କର ଅଲୌକିକ ମର୍ଯ୍ୟାଦାକୁ ପୂର୍ଣ୍ଣତଃ ନିଜ ମନ ମଧ୍ୟରେ ସ୍ଥାପନ କରି ନିଅନ୍ତି ତେବେ ସେପରିପ୍ରେକ୍ଷୀରେ ସେମାନେ ସ୍ୱର୍ଗରେ ପ୍ରବେଶ କରନ୍ତି । ଯେତେବେଳେ ଜଣେ ବ୍ୟକ୍ତି ସତ୍ୟତାପୂର୍ବକ କଲ୍‌ମାକୁ ସ୍ୱୀକାର କରିଥାଏ ସେତେବେଳେ ସେହି ବ୍ୟକ୍ତିକୁ ପ୍ରଭୁଙ୍କ ବ୍ୟତୀତ ଅନ୍ୟ କେହି ବି ଭଲ ଲାଗନ୍ତି ନାହିଁ । ପ୍ରକୃତ ରୂପେ ଯଦି କଲ୍‌ମା (ବାଣୀ) ଉଚ୍ଚାରଣ କରିନେଲା ତେବେ ଉକ୍ତ ବ୍ୟକ୍ତିକୁ ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କେହି ବି ଭଲ ଲାଗି ନଥାଏ, ପ୍ରଭୁଙ୍କ ବ୍ୟତୀତ ଅନ୍ୟ କେହି ବି ତା'ର ଉପାସ୍ୟ ନୁହନ୍ତି ନାହିଁ, ପ୍ରଭୁଙ୍କ ବ୍ୟତୀତ ସେହି ବ୍ୟକ୍ତି ଅନ୍ୟ କୌଣସି ବ୍ୟକ୍ତିକୁ ଗୁପ୍ତ ରୂପେ କରି ନଥାଏ । ଅଲ୍ଲାଃତାଲାଙ୍କ ବ୍ୟତୀତ ଉକ୍ତ ବ୍ୟକ୍ତିର ଅନ୍ୟ କୌଣସି ବ୍ୟକ୍ତି ବା ସତ୍ତା ଅଭୀଷ୍ଟ ହୋଇ ନଥାଏ । ଏପରି କୌଣସି ବସ୍ତୁ ନାହିଁ ଯାହାର ସେ ଅଭିଳାଷୀ ହୋଇଥିବ । ସେ କେବଳ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତିର ଅଭିଳାଷୀ ହଇଥାଏ । ସେହି ମର୍ଯ୍ୟାଦା ଯାହାକି ସାଧୁ ସନ୍ଥଙ୍କ ମର୍ଯ୍ୟାଦା ଅଟେ, ସେହି ମର୍ଯ୍ୟାଦା ଯାହା ଦିଗଦର୍ଶକଙ୍କର ମର୍ଯ୍ୟାଦା ଅଟେ ଏବଂ ସେହି ମର୍ଯ୍ୟାଦା ଯାହାକି ବିଚାରକ ସନ୍ଥ ପୁରୁଷଙ୍କର ମର୍ଯ୍ୟାଦା ଅଟେ ତାହା ଏହିକି ଯେ,لَا اِلٰهَ اِلَّا اللّٰهُ ଉପରେ ସହୃଦୟର ସହିତ ବିଶ୍ୱାସ ଥାଏ ଓ ଏହାର ମର୍ମାର୍ଥ ଉପରେ ପ୍ରକୃତ ରୂପେ କାର୍ଯ୍ୟାନୁସରଣ କରିଥାଏ ।"

ସେ ଯାହା ହେଉ ଏହି କ୍ରମରେ ଆପଣ ଅ.ସ ଆଗକୁ କୁହନ୍ତି: "ଏକଥା ସତ୍ୟ ଓ ଖୁବ୍ ଶୀଘ୍ର ବୁଝି ହୋଇଯାଇଥାଏ ଯେ, ଯେତେବେଳେ ଅଲ୍ଲାଃତାଲାଙ୍କ ବ୍ୟତୀତ ମନୁଷ୍ୟର ଅନ୍ୟ କେହି ପ୍ରିୟତମ ଓ ଅଭିପ୍ରାୟ ହୁଅନ୍ତି ନାହିଁ ତେବେ ପୁନଶ୍ଚ ଅନ୍ୟ କୌଣସି ଦୁଃଖ ତାହାକୁ ହଇରାଣ ହରକତ କରିପାରିବ ନାହିଁ । ମନୁଷ୍ୟ ଯଦି ଏହା ମନେକରିନିଏ ଯେ, ତା'ର ସମସ୍ତ ଦୁଃଖ ଦୁର୍ଦ୍ଦଶା ମଧ୍ୟ ଅଲ୍ଲାଃତାଲାଙ୍କ ସକାଶେ ଉଦ୍ଦିଷ୍ଟ ତେବେ ସେପରିପ୍ରେକ୍ଷୀରେ ସେହି ଦୁଃଖ ଦୁର୍ଦ୍ଦଶା ତା'କୁ ହଇରାଣ କରିପାରିବ ନାହିଁ । ସେ ସେହି ଦୁଃଖ ଜଞ୍ଜାଳ, ସମସ୍ୟା ଠାରୁ ଚିନ୍ତିତ ହୋଇ ନଥାଏ । ତା'କୁ ଜ୍ଞାତ ଥାଏ ଯେ, ଅଲ୍ଲାଃତାଲା ନିଜର ସନ୍ଥଙ୍କ ସାହାଯ୍ୟ ନିମନ୍ତେ ତୁରନ୍ତ ଆସି ପହଞ୍ଚି ଯାଆନ୍ତି । ସେହିପରି ଅନ୍ୟ ପରିସ୍ଥିତିରେ ମଧ୍ୟ ତା' ହୃଦୟକୁ ଶାନ୍ତି ପ୍ରଦାନ କରିଥାଆନ୍ତି ।"

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଏହା ହେଉଛି ସେହି ମର୍ଯ୍ୟାଦା ଯେଉଁ ମର୍ଯ୍ୟାଦିକୁ ସାଧୁ ସନ୍ଥ ଏବଂ ଦିଗଦର୍ଶକମାନଙ୍କୁ ପ୍ରାପ୍ତ ହୋଇଥାଏ । ଯଦି ସାଂସାରିକ ଅଭିପ୍ରାୟ ନଥାଇ ଅଭିପ୍ରାୟ କେବଳ ଈଶ୍ୱରଙ୍କ ସତ୍ତା ହୋଇଥାଆନ୍ତା ତାହାହେଲେ କୌଣସି ଚିନ୍ତା ନଥାଆନ୍ତା । ସାହାବାମାନେ ଉକ୍ତ ବିନ୍ଦୁକୁ ବୁଝିଲେ । ଏହା ନୁହେଁ ଯେ, ସାଧୁ ସନ୍ଥ, ଦିଗ୍‌ଦର୍ଶକ ତଥା ମନୋନୀତ ଲୋକମାନଙ୍କୁ ହିଁ ଏହି ମର୍ଯ୍ୟାଦା ପ୍ରାପ୍ତ ହୋଇଥାଏ ତାହା ନୁହେଁ । ବରଂ ସାହାବାମାନଙ୍କ ମଧ୍ୟରୁ ଅନେକ ସାହାବାମାନେ ଉକ୍ତ ମର୍ଯ୍ୟାଦାକୁ ପ୍ରାପ୍ତ କରିଥିଲେ ଏବଂ ଉକ୍ତ ବିନ୍ଦୁକୁ ବୁଝିଲେ । ଫଳତଃ ଅଲ୍ଲାଃାତାଲା ସେହି ସାହାବାମାନଙ୍କୁ ଆମମାନଙ୍କ ନିମନ୍ତେ ଆଦର୍ଶ ରୂପେ ବିବେଚିତ କରିଦେଲେ ।"

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଆପଣମାନେ ଏହା ଭାବନ୍ତୁ ନାହିଁ ଯେ, ଆପଣମାନେ କେତେବେଳେ ମୂର୍ତ୍ତିମାନଙ୍କର ଉପାସନା କରୁଛନ୍ତି ? ଏହା କହିବା ପରେ କି ଅତ୍ୟନ୍ତ ଉଚ୍ଚ ମର୍ଯ୍ୟାଦା ଅଟେ । ସାଧାରଣ ଲୋକମାନଙ୍କ ପାଇଁ ମଧ୍ୟ କହିଦେଲେ ଯେ, ତୁମେମାନେ କେବଳ ଏହା କୁହ ନାହିଁ ଯେ, ଆମେମାନେ ପ୍ରତିମାମାନଙ୍କର ଉପାସନା କରୁ ନାହୁଁ । ତେଣୁ ଆମମାମାନଙ୍କ ପାଇଁ ଏହା ହିଁ ଯଥେଷ୍ଟ (**ଲା ଇଲାହା ଇଲ୍ଲଲ୍ଲାଃ**) । ଆମେମାନେ ମଧ୍ୟ ଅଲ୍ଲାଃତାଲଙ୍କ ଉପାସନା କରିଥାଉ । ଏହା କହିଦେବା ସହଜ ଓ ଯଥେଷ୍ଟ ହୋଇଥାଏ । ସୁତରାଂ ଆପଣ ଅ.ସ କୁହନ୍ତି: "ଏକଥା ସ୍ମରଣ ରଖ ଯେ, ଏହା ଅତ୍ୟନ୍ତ ନିକୃଷ୍ଟ ମାନର କଥା ଯେ, ମନୁଷ୍ୟ ପ୍ରତିମାଗୁଡ଼ିକର ଉପାସନା ନକରୁ । ହିନ୍ଦୁ ଲୋକମାନେ ଯେଉଁମାନେ ସତ୍ୟ ସଂକ୍ରାନ୍ତରେ ଅବଗତ ନୁହନ୍ତି ସେମାନେ ବର୍ତ୍ତମାନ ମୂର୍ତ୍ତି ପୂଜାକୁ ପରିତ୍ୟାଗ କରୁଛନ୍ତି । ଅର୍ଥାତ ଏକେଶ୍ୱରବାଦର ବାସ୍ତବତା ସଂକ୍ରାନ୍ତରେ ସେମାନଙ୍କୁ ଜଣା ନାହିଁ । ତଥାପି ସେମାନେ ମୂର୍ତ୍ତି ପୂଜା ପରିତ୍ୟାଗ କରୁଛନ୍ତି । ଉପାସ୍ୟର ଅର୍ଥ କେବଳ ଏହି ପର୍ଯ୍ୟନ୍ତ ସୀମିତ ନୁହେଁ ଯେ, ମନୁଷ୍ୟର ଉପାସନା କରିବା କିମ୍ବା ପ୍ରତିମା ପୂଜା କରିବା । ଅର୍ଥାତ ମନୁଷ୍ୟ ହୋଇ ମନୁଷ୍ୟକୁ ପୂଜା କରିବା କିମ୍ବା

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

### ହ.ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଇବାଦାତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya
Kerang, Darul Fazal (Odisha)

ପ୍ରତିମାଗୁଡ଼ିକର ପୂଜା କରିବା ଦ୍ୱାରା ଏମାନେ ଉପାସ୍ୟ ହୋଇଯିବେ ତାହା ନୁହେଁ ବରଂ ଏମାନଙ୍କ ବ୍ୟତୀତ ଆହୁରି ଉପାସ୍ୟ ଅଛନ୍ତି । ଏମାନେ କେବଳ ପ୍ରକାଶ୍ୟ ଉପାସ୍ୟ ନୁହନ୍ତି । ବରଂ ଆତ୍ମାର ଯେଉଁ ଇଚ୍ଛା ବା ଅଭିଳାଷା ରହିଛି, କାମବାସନା ରହିଛି ତାହା ମଧ୍ଯ ଗୁପ୍ତ ଉପାସ୍ୟ ବା ଗୁପ୍ତ ଠାକୁର (ଦେବତା) ହୋଇଯାଆନ୍ତି । ଏମାନେ ଯେତେବେଳେ ଅଲ୍ଲାଃତାଲାଙ୍କ ବିପକ୍ଷରେ ଛିଡ଼ା ହେବେ ସେତେବେଳେ ଏମାନେ ତୁମମାନଙ୍କୁ ଅଲ୍ଲାଃତାଲାଙ୍କ ଅର୍ଥାତ୍ لَا اِلٰهَ اِلَّا اللّٰه ଠାରୁ ଦୂରେଇ ଦେବେ । ଯେଉଁ ବ୍ୟକ୍ତି କାମବାସନାର ପୂଜାରୀ କିମ୍ବା ନିଜର ଯୌନ ଲାଳସାର ଅନୁକରଣ କରିଥାଏ ଏବଂ ଯୌନ ତୃପ୍ତି ଲାଭ କରିବା ନିମନ୍ତେ ବ୍ୟଗ୍ର ସେ ମଧ୍ଯ ମୂର୍ତ୍ତି ଉପାସକ ଓ ମୁଶରିକ୍ ଅଟେ । ଏହି لَا ଜାତି ବାଚକକୁ ଅସ୍ୱୀକୃତି ପ୍ରଦାନ କରି ନଥାଏ । ବରଂ ପ୍ରତ୍ୟେକ ପ୍ରକାରର ଉପାସ୍ୟ ଦେବତାଙ୍କୁ ପ୍ରତ୍ୟାଖ୍ୟାନ ଓ ଅସ୍ୱୀକୃତି ପ୍ରଦାନ କରିଥାଏ । ଅର୍ଥାତ لَا اِلٰهَ اِلَّا اللّٰهରେ ଏହା କୁହଯାଇଛି ଯେ, ପ୍ରକାଶ୍ୟ ଉପାସ୍ୟ ନୁହନ୍ତି, ଭୌତିକ (ପ୍ରକୃତିକ)ର ଅସ୍ୱୀକୃତି ପ୍ରଦାନ କରି ନଥାଏ। ବରଂ ଅଲ୍ଲାଃତାଲାଙ୍କ ବିପକ୍ଷରେ ଯେକୌଣସି ବସ୍ତୁ ନେଇଆସ ଏବଂ ସେ ଏହି କଥାର ଘୋଷଣା କରୁଅଛି ଯେ, ମନୁଷ୍ୟ ଅଲ୍ଲାଃତାଲାଙ୍କୁ ସ୍ୱୀକାର କରୁ ନାହିଁ। ସୁତରାଂ ଉପରୋକ୍ତ ବାଣୀରେ ପ୍ରତ୍ୟେକ ପ୍ରକାରର ଭୌତିକ (ପ୍ରାକୃତିକ) ଉପାସ୍ୟ ସଂକ୍ରାନ୍ତରେ ଅସ୍ୱୀକୃତି କରିଥାଏ ସେ ପଛେ اَنْفُسِي (ଜଣେ ବ୍ୟକ୍ତି) ହୁଅନ୍ତୁ ଅବା ଆଫାକି (ସମଗ୍ର ସଂସାରର) ଉପାସ୍ୟ ହୁଅନ୍ତୁ, ଆଭ୍ୟନ୍ତରୀଣ ହୁଅନ୍ତୁ ଓ ଭୌତିକ ହୁଅନ୍ତୁ କିମ୍ବା ପ୍ରକାଶ୍ୟ ହୁଅନ୍ତୁ କିମ୍ବା ସାଂସାରିକ ବସ୍ତୁ ହୁଅନ୍ତୁ, ମନରେ ଲୁଚିଥିବା ଉପାସ୍ୟ ପ୍ରତିମା ହୁଅନ୍ତୁ ଅବା ପ୍ରକାଶ୍ୟ ଉପାସ୍ୟ ମୂର୍ତ୍ତି ହୁଅନ୍ତୁ । ଉଦାହରଣ ସ୍ୱରୂପ ଜଣେ ବ୍ୟକ୍ତି ଯିଏ ସଂପୂର୍ଣ୍ଣ ରୂପେ ବସ୍ତୁ ଏବଂ ସାଧନ ଉପରେ ଭରସା କରିଥାଏ ସେହି ବସ୍ତୁ ଓ ସାଧନ ମଧ୍ଯ ଏକ ଏକ ଉପାସ୍ୟ ପ୍ରତିମା ଓ ଉପାସ୍ୟ ଦେବତା ଅଟନ୍ତି । ଏହି ପ୍ରକାରର ପ୍ରତିମା ବା ଦେବତାର ଉପାସନା ରାଜଯକ୍ଷ୍ମା ସଦୃଶ ହୋଇଥାଏ ।"

ଟି.ବି ରୋଗୀ ପରି ହୋଇଥାଏ । ଯିଏ ଭିତରେ ଭିତରେ ରୋଗୀକୁ ମାରି ଚାଲିଥାଏ । ପୃଥଳ ପୃଥଳ (ଅର୍ଥାତ୍ ବଡ଼ ବଡ଼) ମିଥ୍ୟାଗୁଡ଼ିକ ଅତି ସହଜରେ ଜଣା ପଡ଼ିଯାଇଥାଏ । ତହିଁରୁ ନିସ୍ତାର ପାଇବା ସହଜ ସାଧ୍ୟ ହୋଇଥାଏ ଏବଂ ମୁଁ ଏହା ଅବେଲୋକନ କରେ ଯେ, ଲକ୍ଷ ଲକ୍ଷ, ହଜାର ହଜାର ମନୁଷ୍ୟ ଏହି ପ୍ରକାରର ଉପାସନରୁ ପୃଥକ ହୋଇଗଲେ ଏବଂ ହେଉଛନ୍ତି ମଧ୍ଯ । ଉକ୍ତ ରାଷ୍ଟ୍ରଟି ଯାହାକି ହିନ୍ଦୁ ବହୁଳ ରାଷ୍ଟ୍ର ଅଟେ । ସେହି ହିନ୍ଦୁ ଧର୍ମରୁ ଅନେକ ଲୋକ ମୁସଲମାନ ଧର୍ମରେ ଦୀକ୍ଷିତ ହୋଇଛନ୍ତି । ସେମାନେ ପ୍ରତିମା ପୂଜାକୁ ପରିତ୍ୟାଗ କରିଛନ୍ତି ନା ନାହିଁ ? ସ୍ୱୟଂ ହିନ୍ଦୁମାନଙ୍କ ମଧ୍ଯରେ ଏପରି ସଂପ୍ରଦାୟ ବାହାରି ଆସନ୍ତି । ଯେପରିକି ପୂର୍ବେ ଚର୍ଚ୍ଚା ହୋଇସାରିଛି ଯେ, ସେହି ହିନ୍ଦୁମାନଙ୍କୁ ମଧ୍ଯରୁ ଯେଉଁମାନେ ଏକେଶ୍ୱରଙ୍କ ସତ୍ତାକୁ ଉପଲବ୍ଧି କଲେ ସେମାନେ ବର୍ତ୍ତମାନ ଆଉ ମୂର୍ତ୍ତି ଉପାସନା କରୁ ନାହାନ୍ତି।

କିନ୍ତୁ ଏହି ପର୍ଯ୍ୟନ୍ତ ପ୍ରତିମା ପୂଜାର ଅର୍ଥ ସୀମିତ ନୁହେଁ । ଏକଥା ସତ୍ୟ ଯେ, ହିନ୍ଦୁମାନେ ବଡ଼ ବଡ଼ ମୂର୍ତ୍ତି ଉପାସନା ପରିତ୍ୟାଗ କରିଦେଇଛନ୍ତି କିନ୍ତୁ ବର୍ତ୍ତମାନ ତ' ହଜାର ହଜାର ପ୍ରତିମା ବା ଠାକୁର ମନୁଷ୍ୟ ନିଜ ପାର୍ଶ୍ୱରେ ଧରି ବୁଲୁଥାଏ ଏବଂ ସେହି ଲୋକମାନେ ମଧ୍ଯ ଯେଉଁମାନେ ଦାର୍ଶନିକ ଓ ତର୍କଶାସ୍ତ୍ରୀ ବୋଲାନ୍ତି ସେମାନେ ମଧ୍ଯ ନିଜ ଭିତରୁ ପ୍ରତିମା ପୂଜା କାଢି ପାରନ୍ତି ନାହିଁ । ଦାର୍ଶନିକମାନେ ବଡ଼ ବଡ଼ ଯୁକ୍ତି ଉପସ୍ଥାପନ କରନ୍ତି ଓ ବଡ଼ ବଡ଼ ପ୍ରମାଣ ଉପସ୍ଥାପିତ କରନ୍ତି କିନ୍ତୁ ସେମାନଙ୍କ ମନରେ ଅନେକ ପ୍ରତିମା ଜନିତ ଠାକୁର ବାସ କରନ୍ତି । ସେମାନଙ୍କର ଯେଉଁ ଜ୍ଞାନଗତ ଧାରଣା ରହିଛି ସେହି ଧାରଣ ହିଁ ସେମାନଙ୍କୁ ପ୍ରତିମାର ଆଶ୍ରୟ ନେବାକୁ ବାଧ୍ୟ କରିଥାଏ । ସେମାନଙ୍କର ନିଜସ୍ୱ ଦୃଷ୍ଟିକୋଣ ହିଁ ସେମାନଙ୍କୁ ପ୍ରତିମା ପୂଜା କରିବାକୁ ବାଧ୍ୟ କରିଥାଏ ।

ସେହି ଦାର୍ଶନିକ ଓ ତର୍କଶାସ୍ତ୍ରୀମାନେ ନିଜ ହୃଦୟରୁ ପ୍ରତିମାଗୁଡ଼ିକୁ ବାହାର କରି ପାରନ୍ତି ନାହିଁ । କିନ୍ତୁ ଅଲାଲାଃତାଲାଙ୍କର କୃପା ବ୍ୟତୀରେକ ଏହି ସବୁ (ପ୍ରତିମା ବା ଦେବତାମାନେ ) ଜୀବାଣୁ ମନ ଭିତରୁ ବାହାରି ପାରିବେ ନାହିଁ । ଏମାନେ ଅତ୍ୟନ୍ତ ସୂକ୍ଷ୍ମ ଜୀବାଣୁ ଅଟନ୍ତି ଏବଂ ଏମାନେ ହିଁ ସବୁଠୁ ବେଶୀ କ୍ଷତି ପହଞ୍ଚାଇ ସାଧନ କରିଥାଆନ୍ତି । ଯେଉଁ ଲୋମାନେ ନିଜ କାମ ବାସନା ଜନିତ ଯୌନ ପ୍ରବୃତ୍ତି ଠାରୁ ପ୍ରଭାବିତ ହୋଇ ଅଲ୍ଲାଃତାଲାଙ୍କର କର୍ତ୍ତବ୍ୟ ଏବଂ ତାହାଙ୍କ ସୀମା ଠାରୁ ସୀମା ଲଂଘନ କରନ୍ତି ତେବେ ସେମାନେ ଏହି ପରିପ୍ରେକ୍ଷୀରେ ଭକ୍ତଙ୍କର ଅଧିକାରକୁ ମଧ୍ଯ କ୍ଷୁର୍ଣ୍ଣ କରିଥାନ୍ତି । ସେହି ଲୋକମାନେ ନିରକ୍ଷର ନୁହନ୍ତି ବରଂ ସେମାନେ ଶିକ୍ଷିତ, ମୌଲବୀ, ବିଦ୍ୱାନ୍, ଧର୍ମଶାସ୍ତ୍ରୀ ଓ ସନ୍ଥ ଅଟନ୍ତି । କିନ୍ତୁ ଏସବୁ ସତ୍ତ୍ୱେ ସେମାନେ ମଧ୍ଯ ଉକ୍ତ ରୋଗରେ ପ୍ରପିଡ଼ୀତ ଅଟନ୍ତି । ସେମାନେ ଭକ୍ତଙ୍କର କର୍ତ୍ତବ୍ୟ ଯଦି ସମ୍ପାଦନ କରୁ ନାହାନ୍ତି ତେବେ ମଧ୍ଯ ସେମାନେ لَا اِلٰهَ اِلَّا اللّٰهର ଅର୍ଥକୁ ଭୁଲି ଯାଆନ୍ତି । ସେହି ପ୍ରତିମା ବା ସେହି ଦେବାତମାନଙ୍କ ଠାରୁ ସଂଯମତା ଅବଲମ୍ବନା କରିବା ହିଁ ସାହସିକତା ଅଟେ । ତୁମେମାନେ ବଡ଼ ବଡ଼ ଲୋକମାନଙ୍କୁ ଦେଖିବ ଯେ, ସେମାନେ ପୁଣ୍ୟବାନ ଓ ସଦାଚାରୀ ଅଟନ୍ତି । କିନ୍ତୁ ସେମାନଙ୍କ ମଧ୍ଯରେ ଏହି ପ୍ରତିମା ଗୁଡ଼ିକ ମଧ୍ଯ ବିଦ୍ୟମାନ ଅଟନ୍ତି । ଏହି ପ୍ରତିମା ଠାରୁ ବର୍ତ୍ତିବା ସାହାସିକତା ଅଟେ । ସଂପୂର୍ଣ୍ଣ ରୂପେ ଅଲ୍ଲାଃତାଲାଙ୍କର କର୍ତ୍ତବ୍ୟ ସମ୍ପାଦନ କରିବା ଓ ସଂପୂର୍ଣ୍ଣ ରୂପେ ଭକ୍ତମାନଙ୍କର କର୍ତ୍ତବ୍ୟ ସମ୍ପାଦନ କରିବା ଦ୍ୱାରା لَا اِلٰهَ اِلَّا اللّٰهର ସଠିକ୍ ଅର୍ଥବୋଧ ଜ୍ଞାତ ହୋଇପାରିବ ଏବଂ ଏହା ହିଁ ସାହସିକତା ଅଟେ ।

ଏହାକୁ ଚିହ୍ନିତ କରିବା ହିଁ ପୂର୍ଣ୍ଣ ଚତୁରତା ଏବଂ ବୁଦ୍ଧିମତା ଅଟେ । ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଏହି ଠାକୁର ବା ପ୍ରତିମାମାନେ ଅଟନ୍ତି ଯାହାଙ୍କ ଯୋଗୁଁ ପରସ୍ପର ମଧ୍ଯରେ ଶତ୍ରୁତା, ବୈରାଗ ସୃଷ୍ଟି ହୋଇଥାଏ ଏବଂ ହଜାର ହଜାର ଲୋକମାନେ ହଣାକଟା ହୁଅନ୍ତି ଓ ରକ୍ତପାତ କରନ୍ତି । ଗୋଟିଏ ଭାଇ ଅନ୍ୟ ଭାଇର ଅଧିକାରକୁ କ୍ଷୁର୍ଣ୍ଣ କରିଥାଏ ଓ ଏହିପରି ହଜାର ହଜାର ପାପ ପ୍ରତ୍ୟେକ ମୁହୂର୍ତ୍ତରେ ଏହି କାରଣରୁ ହୋଇଥାଏ । ବସ୍ତୁ ଉପରେ ଏତେ ଭରସା କରାଯାଇଛି ଯେ, ଅଲ୍ଲାଃତାଲାଙ୍କୁ କେବଳ ଏକ ପରିତ୍ୟକ୍ତ ଅଙ୍ଗ ରୂପେ ବିବେଚିତ କରିଦିଆଯାଇଛି । ଖୁବ୍ ସ୍ୱଳ୍ପ ଲୋକମାନେ ଅଟନ୍ତି ଯେଁଉମାନେ ଏକେଶ୍ୱରବାଦର ପ୍ରକୃତ ମର୍ମକୁ ହୃଦୟଙ୍ଗମ କରିଛନ୍ତି ଏବଂ ସେମାନଙ୍କୁ ଯଦି କହିଦିଆଯାଏ ତେବେ ସେମାନେ ତୁରନ୍ତ କହି ଦିଅନ୍ତି ଯେ, କ'ଣ ଆମେମାନେ ମୁସଲମାନ ନାହିଁ ଓ କ'ଣ ଆମେମାନେ କଲମା (ପବିତ୍ର ଉକ୍ତି) ପାଠ କରୁ ନାହୁଁ ? କିନ୍ତୁ ବଡ଼ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ସେମାନେ ତହିଁରୁ କେବେଳ ଏତିକି ହିଁ ବୁଝିଲେ ଯେ, ମୁଖରୁ କଲମା ଉଚ୍ଚାରଣ କରିଦେଲେ ଯଥେଷ୍ଟ ଅଟେ । ମୁଁ ନିଃସନ୍ଦେହ ରୂପେ କହୁଛୁ ଯେ, ମନୁଷ୍ୟକୁ ଯଦି କଲମା ତୈୟେବା (ପବିତ୍ର ବାଣୀ)ର ବାସ୍ତବତା ପ୍ରତି ଅବବୋଧ ବା ଜ୍ଞାତ ହୋଇଯାଏ ଏବଂ ବ୍ୟବହାରିକ ରୂପେ ସେ ଏହି ବାଣୀ ଉପରେ କାର୍ଯ୍ୟାନୁସରଣ କରେ ତେବେ ସେପରିପ୍ରେକ୍ଷୀରେ ସେ ବୃହତ୍ ରୂପେ ଉନ୍ନତି କରିପାରିବ ଏବଂ ଅଲ୍ଲାଃତାଲାଙ୍କର ବିଚିତ୍ର ଲୀଳକୁ ଅବଲୋକନ କରିପାରିବ ।"

ଏହି କଥାକୁ ଭଲ ଭାବରେ ବୁଝିନିଅ ଯେ, ମୁଁ ଏହି ସ୍ଥାନରେ ଛିଡ଼ା ହୋଇଛି ମୁଁ କୌଣସି ସାଧାରଣ ଉପଦେଶ ଦେବା ହିସାବରେ ଛିଡ଼ା ହୋଇ ନାହିଁ ଏବଂ କୌଣସି କାହାଣୀ ଶୁଣାଇବା ପାଇଁ ଛିଡ଼ା ହୋଇ ନାହିଁ । ବରଂ ମୁଁ ତ' ସାକ୍ଷ୍ୟ ପ୍ରଦାନ ପାଇଁ ଛିଡ଼ା ହୋଇଛି । ଅଲ୍ଲାଃତାଲା ମୋତେ ଯେଉଁ ସନ୍ଦେଶ ଦେଇଛନ୍ତି ସେହି ସନ୍ଦେଶକୁ ମୁଁ ପହଞ୍ଚାଇ ଦେଇଛି । ମୁଁ ଏଥିପାଇଁ ଭୃକ୍ଷେପ କରୁ ନାହିଁ ଯେ, ମୋର ଏହି ଆଶୀର୍ବଚନ ବା ଉପଦେଶକୁ କିଏ ଶୁଣିଲା ଓ କିଏ ଶୁଣିଲା ନାହିଁ ଏବଂ କିଏ ଗ୍ରହଣ କଲା ଓ କିଏ ଗ୍ରହଣ କଲା ନାହିଁ । ଏହାର ଉତ୍ତର ତୁମେ ସ୍ୱୟଂ ପ୍ରଦାନ କରିବ । ମୁଁ ନିଜର କର୍ତ୍ତବ୍ୟ ସମ୍ପାଦନ କରିବି । ମୁଁ ଜାଣିଛି ଯେ, ମୋ ଜମାଅତ୍ (ସଂପ୍ରାଦୟ)ରେ ଅନେକ ଲୋକ ପ୍ରବିଷ୍ଟ ତ' ହୋଇଛନ୍ତି ଓ ସେମାନେ ଏକେଶ୍ୱରବାଦର ସ୍ୱୀକାରୋକ୍ତି ମଧ୍ଯ ପ୍ରକାଶ କରନ୍ତି । କିନ୍ତୁ ଦୁଃଖ ଓ ପରିତାପାର ବିଷୟ ଏହିକି ଯେ, ମୁଁ ଯାହା କହୁଛି ସେମାନେ ମୋ କଥାକୁ ମାନୁ ନାହାନ୍ତି ।

ଯେଉଁ ବ୍ୟକ୍ତି ନିଜ ଭାଇର ଅଧିକାରକୁ କ୍ଷୁର୍ଣ୍ଣ କରେ କିମ୍ବା ନ୍ୟାସ ବା ସନ୍ତକରୁ କିଛି ହଡ଼ପ କିରିନିଏ କିମ୍ବା ଅନ୍ୟ କୌଣସି ପ୍ରକାରର ପାପ କାର୍ଯ୍ୟରେ ଲିପ୍ତ ରହେ, ତହିଁରୁ ସେ ନିବୃତ୍ତ ହୁଏ ନାହିଁ । ତେବେ ମୁଁ ଏହି ବିଶ୍ୱାସ କରୁ ନାହିଁ ଯେ, ସେ ଏକେଶ୍ୱରବାଦର ସ୍ୱୀକାରୋକ୍ତି ପ୍ରକାଶକାରୀ ନୁହେଁ । କାରଣ ଏହା ଏଭଳି ଏକ ପରୁସ୍କାର (ଅବଦାନ) ଅଟେ ଯେ, ମନୁଷ୍ୟ ଏହାକୁ ପ୍ରାପ୍ତ କଲାପରେ ତା' ମଧ୍ଯରେ ଏକ ଅଭୂତପୂର୍ଣ୍ଣ ଚମତ୍କାର ଏବଂ ପରବିର୍ତ୍ତନ ସୃଷ୍ଟି ହୋଇଥାଏ । ଏକେଶ୍ୱରବାଦର

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ସ୍ୱୀକାରୋକ୍ତି ପ୍ରକାଶକାରୀ ବ୍ୟକ୍ତିଙ୍କ ମଧ୍ୟରେ ଏକ ପରିବର୍ତ୍ତନ ସୃଷ୍ଟି ହେବା ବିଧେୟ। ତହିଁରେ କେତେକ ବିଦ୍ୱେଷକାରୀ, ଈର୍ଷାଳୁ, ଲୋକ ଦେଖାଣିଆ ଉପାସ୍ୟ ପ୍ରତିମା ରୁହନ୍ତି ନାହିଁ ଏବଂ ଈଶ୍ୱରଙ୍କ ସାହିତ ତା'ର ସାମୀପ୍ୟତା ଓ ସାନ୍ନିଧ୍ୟତା ହୋଇଥାଏ।

ଏହି ପରିବର୍ତ୍ତନ ସେତେବେଳେ ସୃଷ୍ଟି ହୋଇଥାଏ ଏବଂ ବ୍ୟକ୍ତି ସେତେବେଳେ ଏକେଶ୍ୱବାଦୀ ବ୍ୟକ୍ତି ହୋଇପାରିବ ଯେତେବେଳେ ଏହି ଆଭ୍ୟନ୍ତରୀଣ ଉପାସ୍ୟ ପ୍ରତିମ ଯଥା- ଗର୍ବ ତଥା ଅହଂକାର, ଲୋକ ଦେଖାଣିଆ, ବିଦ୍ୱେଷ, ବୈରାଗ, ଶତ୍ରୁତା, ଈର୍ଷା, କୃପଣତା, କପଟ ବିଶ୍ୱାସ, ଚୁକ୍ତି ଭଙ୍ଗ ଆଦି ଦୁର୍ଗୁଣ ଦୂରୀଭୂତ ହୋଇଯିବ । ଯେପର୍ଯ୍ୟନ୍ତ ଏହି ଉପାସ୍ୟ ପ୍ରତିମାଗୁଡ଼ିତ ମନୁଷ୍ୟ ମଧ୍ୟରେ ରହିବେ ସେପର୍ଯ୍ୟନ୍ତ لَآ اِلٰهَ اِلَّا اللّٰهُ କହିବାରେ ବ୍ୟକ୍ତି କିପରି ସତ୍ୟବାଦୀ ବିବେଚିତ ହେବ?

ସୁତରାଂ ଏହି ରମ୍‌ଜାନ ମାସରେ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତିକୁ ଏହି ଉଦ୍ୟମ କରିବା ଉଚିତ୍ ଯେ, ସେ ସେହି ଉପାସ୍ୟ ପ୍ରତିମାମାନଙ୍କ ଠାରୁ ନିଜକୁ ପବିତ୍ର କରୁ । କାରଣ لَآ اِلٰهَ اِلَّا اللّٰهُ ର ପ୍ରକୃତ ଅର୍ଥକୁ ଆମେମାନେ ବୁଝିବାକୁ ସକ୍ଷମ ହୋଇପାରିବୁ ଓ ଏହା ଉପରେ ବିଶ୍ୱାସ ଆଣିବାକୁ ସକ୍ଷମ ହୋଇପାରିବୁ । ଆପଣ ଅ.ସ କୁହନ୍ତି ତହିଁରେ ଭରସାର ଅସ୍ୱୀକୃତି ଅଭିପ୍ରେତ ରହିଛି । ଅତଃ ଏହା ସତ୍ୟ ଯେ, କେବଳ ମୁଖରୁ ଉଚ୍ଚାରଣ କରିଦେବା ବା ତୁଣ୍ଡରୁ କହିଦେବା ଯେ, وَحْدَهٗ لَا شَرِيْكَ لَهٗ କୁ ମୁଁ ସ୍ୱୀକାର କରେ ତେବେ ଏହା କୌଣସି ଲାଭ ଦେଇପାରିବ ନାହିଁ । ବର୍ତ୍ତମାନ ତୁଣ୍ଡରୁ କଲ୍‌ମା ପଢୁଛି ଓ ଅପର ମୁହୂର୍ତ୍ତରେ ସ୍ୱଭାବ ବିରୁଦ୍ଧୀୟ କୌଣସି ଘଟଣା ହେଲା ତେବେ ସେପରିପ୍ରେକ୍ଷୀରେ ସେ କ୍ରୋଧ ଓ କୋପକୁ ନିଜର ଈଶ୍ୱର କିରନେଲା । ମୁଁ ବାରମ୍ବାର କହୁଛି ଯେ, ଉକ୍ତ ପ୍ରସଙ୍ଗକୁ ସର୍ବଦା ମନେରଖିବା ଉଚିତ୍ ଯେ, ଯେପର୍ଯ୍ୟନ୍ତ ତୁମମାନଙ୍କ ମଧ୍ୟରେ ଏହି ଗୁପ୍ତ ଉପାସ୍ୟ ଦେବତାମାନେ ବିଦ୍ୟମାନ ଅଟନ୍ତି ସେପର୍ଯ୍ୟନ୍ତ ତୁମେମାନେ କଦାପି ଏହା ଆଶା କରିପାରିବ ନାହିଁ ଯେ, ତୁମେମାନେ ଉକ୍ତ ମର୍ଯ୍ୟାଦାକୁ ପ୍ରାପ୍ତ କରିନେବ । ଯେଉଁ ବ୍ୟକ୍ତି ମଧ୍ୟରେ ଉପୋରକ୍ତ ଉାପସ୍ୟ ପ୍ରତିମା ବା ଦେବତା ବିଦ୍ୟମାନ ହୁଅନ୍ତି ନାହିଁ ତେବେ ସେହି ଏକେଶ୍ୱରବାଦୀ ବ୍ୟକ୍ତି ଉକ୍ତ ମର୍ଯ୍ୟାଦା (ଅର୍ଥାତ ପ୍ରଭୁଙ୍କ ସାନ୍ନିଧ ଓ ସାମୀପ୍ୟତା) ପ୍ରାପ୍ତ ହୋଇଥାଏ । ଯେପର୍ଯ୍ୟନ୍ତ ଭୂପୃଷ୍ଠରେ ମୂଷାମାନେ ଅଛନ୍ତି ସେପର୍ଯ୍ୟନ୍ତ ତୁମେମାନେ ଏହା ଭାବ ନାହିଁ ଓ ନିଶ୍ଚିନ୍ତ ହୋଇଯାଅ ନାହିଁ ଯେ, ତୁମେମାନେ ପ୍ଲେଗ୍ ମହାମାରୀରୁ ସୁରକ୍ଷିତ ଅଟ । ଠିକ୍ ସେହିପରି ଯେପର୍ଯ୍ୟନ୍ତ ଏହି ମୂଷାମାନେ ଯେଉଁମାନେ ମନୁଷ୍ୟର ମନ ଭିତରେ ଅଛନ୍ତି (ଅର୍ଥାତ ପାପର ମୂଷା) ସେପର୍ଯ୍ୟନ୍ତ ବିଶ୍ୱାସ ବିପଦଶଙ୍କୁଳ ରହିଛି । ମୁଁ ଯାହାକିଛି କହୁଛି ତୁମେମାନେ ତାହାକୁ ଧ୍ୟାନପୂର୍ବକ ଶ୍ରବଣ କର ଓ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ଗ୍ରହଣ କର । କଲ୍‌ମା لَآ اِلٰهَ اِلَّا اللّٰهُ(ଉକ୍ତି) ସଂକ୍ରାନ୍ତରେ ସାରାଂଶ ଏହା ରହିଛି ଯେ, ଅଲ୍ଲାଃତାଲା ହିଁ ତୁମମାନଙ୍କର ଉପାସ୍ୟ, ପ୍ରିୟତମ ଓ ପରମ ଅଭିପ୍ରାୟ ହେବା ଉଚିତ୍ । ଯେତେବେଳେ ତୁମେମାନେ ଆଭ୍ୟନ୍ତରୀଣ ପାପ ଠାରୁ ପବିତ୍ର ହୋଇଯିବ ଏବଂ ସେହି ପ୍ରତିମାମାନଙ୍କୁ ଯେଁଉମାନେ କି ତୁମ ହୃଦୟରେ ବିରାଜମାନ ଅଟନ୍ତି ସେମାନଙ୍କୁ ତୁମେମାନେ ବାହାରକୁ କାଢି ଫିଙ୍ଗି ଦେବ ସେତେବେଳେ ତୁମେମାନେ ଉକ୍ତ ମର୍ଯ୍ୟାଦାକୁ ପ୍ରାପ୍ତ କରିନେବ । **(ମଲ୍‌ଫୁଜାତ୍, ଭାଗ-9, ପୃ-10-108, ବି.ଦ୍ର ସହ, ପୃ ସଂଖ୍ୟା-104, ପ୍ରକାଶନ ବର୍ଷ 1984 ମସିହା)**

ଆଲ୍ଲାଃତାଲା ଆମମାନଙ୍କୁ ଏହି ସାମର୍ଥ୍ୟ ପ୍ରଦାନ କରନ୍ତୁ ଯେ, ରମ୍‌ଜାନ୍ ମାସର ଏହି ଶେଷ କେଇଟା ଦିନରେ ଆମେମାନେ ନିଜର ଉଦ୍ୟମ ଓ ପ୍ରାର୍ଥନା ଦ୍ୱାରା ନିଜ ମଧ୍ୟରେ ଥିବା ସମସ୍ତ ମନ୍ଦକର୍ମକୁ ଯେପରି ବହିଷ୍କୃତ କରିଦେଉ । ପ୍ରତ୍ୟେକ ପ୍ରକାରର ଗୁପ୍ତରୁ ଗୁପ୍ତତମ ଶିର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା) ରୁ ମଧର ସୁରକ୍ଷିତ ଓ ସାବଧାନ ରୁହନ୍ତୁ । ପ୍ରତ୍ୟେକ ପ୍ରକାରର ପିତ୍ତୁଳାଗୁଡ଼ିକୁ ବାହାରକୁ ବାହାର କରିଦେବାକୁ ସକ୍ଷମ ହୁଅନ୍ତୁ । ଅଲ୍ଲାଃତାଲା ହିଁ ଆମମାନଙ୍କର ପରମ ଉପାସ୍ୟ, ଅଭିପ୍ରାୟ ଏବଂ ପ୍ରୟତମ ହୋଇ ଯାଆନ୍ତୁ । ଆମେମାନେ କଲ୍‌ମା لَآ اِلٰهَ اِلَّا اللّٰهُ(ବାଣୀ)ର ସତ୍ୟତାକୁ ଉପଲବ୍ଧକାରୀ ବ୍ୟକ୍ତିରେ ପରିଣତ ହେବାକୁ ସାମର୍ଥ୍ୟ ପ୍ରାପ୍ତ ହେଉ ଓ ଆମେମାନେ ଯେତେବେଳେ مُحَمَّدٌ رَّسُوْلُ اللّٰهِ ର ବାସ୍ତବତା ଯେତେବେଳେ ଆମେମାନେ ସ୍ୱୀକାରୋକ୍ତି ପ୍ରକାଶ କରୁ ସେତେବେଳେ ଆମ ସମ୍ମୁଖରେ ବ୍ୟବହାରିକ ଜୀବନ ଅତିବାହିତ କରିବା ପାଇଁ ସେହି ସୁନ୍ଦର ଆଦର୍ଶ ଉପସ୍ଥିତ ରହୁ ଯାହା ଆଁହଜରତ ସ.ଅ ଆମ ସମ୍ମୁଖରେ ସ୍ଥାପନ କରିଥିଲେ। ଏହି ସମସ୍ତ ଘଟଣାକ୍ରମ ବା ପ୍ରସଙ୍ଗ ଅଲ୍ଲାଃତାଲାଙ୍କ ବ୍ୟତୀରେକ କଦାପି ସମ୍ଭବପର ନୁହେଁ । ଅଲ୍ଲାଃତାଲାଙ୍କ କୃପାକୁ ପ୍ରାପ୍ତ କରିବା ନିମନ୍ତେ ଆମମାନଙ୍କୁ ଏକ ବ୍ୟବହାରିକ ଜିହାଦ୍ (ଧର୍ମଯୁଦ୍ଧ) ଓ ଆଧ୍ୟାତ୍ମିକ ଜିହାଦ୍ କରିବାକୁ ପଡ଼ିବ । ରମ୍‌ଜାନ୍ ମାସର ଶେଷ ଦଶ ଦିନରେ ଆମେମାନେ ଲୈଲତୁଲ୍ କଦର୍‌ର କଥା କହିଥାଉ । ଲୈଲତୁଲ୍ କଦର୍ ବାସ୍ତବରେ ସେତେବେଳେ ପ୍ରାପ୍ତ ହୋଇଥାଏ ଯେତେବେଳେ ଆମେମାନେ ନିଜର ଆଚରଣ ଓ ଉଚ୍ଚାରଣ ଅଲ୍ଲାଃତାଲାଙ୍କ ଆଦେଶାବଳୀ ଅନୁଯାୟୀ କରିବା ନିମନ୍ତେ ପ୍ରସ୍ତୁତ ହୋଇଯାଇଥାଉ, ତାହାଙ୍କ ଆଦେଶାବଳୀ ଉପରେ ପରିଚାଳିତ ହୋଇ ତାହାକୁ କାର୍ଯ୍ୟକାରୀ କରାଇବା ସହିତ କ୍ରିୟାଶୀଳ ବ୍ୟକ୍ତିରେ ପରିଗଣିତ ହୋଇ ସେହି ଆଦେଶାବଳୀଗୁଡ଼ିକୁ ନିଜ ଜୀବନର ଏକ ଅଭିନ୍ନ ଅଙ୍ଗ ରୂପେ ବିବେଚିତ କରି ନେଇଥାଉ । ଏହା ହିଁ ହେଉଛି ସେହି ପ୍ରକୃତ ଲକ୍ଷଣ ଓ ନିଦର୍ଶନ ଯାହାକି ଜଣେ ଧର୍ମପରାୟଣ ବ୍ୟକ୍ତିକୁ ଲୈଲତୁଲ୍ କଦର୍‌ରେ ପ୍ରାପ୍ତ ହେବାର ପ୍ରମାଣ ଅଟେ । ଲୈଲତୁଲ୍ କଦର୍‌ର ପ୍ରକୃତ ନିଦର୍ଶନ କହିଲେ ଆମେମାନଙ୍କ ଠାରେ ଏକ ଅଭୂତପୂର୍ବ ବିପ୍ଳବ ସୃଷ୍ଟି କରିଥାଏ ।

ଏହି ସାମୟିକ ନିଦର୍ଶନ ଯେ, ଆମେମାନେ ଆଲୋକ ଦେଖିନେଲୁ, ଆମେମାନେ ଅମକ ବସ୍ତୁ ଦେଖିନେଲୁ, ଆମମାନଙ୍କୁ ଏହିପରି ପ୍ରତିତ ହେଲା, ବର୍ଷା ଆସିଗଲା, ବାସ୍ନା (ସୁଗନ୍ଧ) ଅନୁଭୂତ ହେଲା, ଅମକ ଜିନିଷ ଆସିଗଲା। ଏସବୁ ହେଉଛି ସାମୟିକ ଜିନିଷ । ପ୍ରକୃତ ନିଦର୍ଶନ ଏହିକି ଯେ, ଆମମାନଙ୍କ ହୃଦୟରେ କେଉଁ ବିପ୍ଳବ ସୃଷ୍ଟି ହେଲା ?

କେତେକ ଜମାଅତ୍ ଦୁଆ କରିବାର ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଯାଇ ମୋର ଏହି କଥାକୁ ନିଜ ସମ୍ମୁଖରେ ରଖି ଯୋଜନା ପ୍ରସ୍ତୁତ କରିଛନ୍ତି । ଅର୍ଥାତ୍ ଆମେମାନେ ଯଦି ନୈସର୍ଗିକ ମନୋଭାବ ରଖି ତିନି ଦିନ ଅହରହ ଦୁଆ କରୁ ତେବେ ଅଲ୍ଲାଃତାଲାଙ୍କ ବିଶେଷ କୃପା ଅବଶ୍ୟ ପ୍ରକାଶିତ ହୋଇପାରିବ। ଯଦିଓ ମୁଁ ଏହି ତିନି ଦିନ ବିଶେଷ ରୂପେ ଏଇଥି ପାଇଁ ଧାର୍ଯ୍ୟ କରିଛି ଯେ, ଆପଣମାନେ ତିନି ଦିନ ଦୁଆରେ ସମୟ ଅତିବାହିତ କରି ଯଦି ପୁନଃ ନିଜର ପୂର୍ବ ଶୈଳୀ ଓ ପୂର୍ବ ଅବସ୍ଥାକୁ ପ୍ରତ୍ୟାବର୍ତ୍ତନ କରିଯିବେ ଏବଂ لَآ اِلٰهَ اِلَّا اللّٰهُ ର ପ୍ରକୃତ ଅଭିପ୍ରାୟକୁ ଯଦି ପାସୋରି ବସିବେ ତେବେ ତାହାର କୌଣସି ମୂଲ୍ୟ ନାହିଁ। ତେଣୁ ଏକଥା ମନରେଖିବା ଉଚିତ୍ ଯେ, ଭଗବାନ ହେଉଛନ୍ତି ଅନ୍ତର୍ଯାମୀ, ସେ ଆମମାନଙ୍କର ଅନ୍ତର୍ନିହିତ ଉଦ୍ଦେଶ୍ୟକୁ ମଧ୍ୟ ଭଲ ଭାବରେ ଜାଣନ୍ତି । ତାହାଙ୍କ ନିକଟରେ କୌଣସି ବସ୍ତୁ ଏବଂ କୌଣସି ପ୍ରସଙ୍ଗ ଲୁକ୍କାୟିତ ଆଗୋଚର ହୋଇ ରହି ନାହିଁ । ଆପଣମାନେ ଯଦି ତିନି ଦିନ କ୍ରମାଗତ ଦୁଆ କରି ପୁନଶ୍ଚ ପୂର୍ବ ଶୈଳୀ ଓ ପୂର୍ବ ଅବସ୍ଥାକୁ ଫେରିଯାନ୍ତି ତେବେ ସେ ସ୍ଥଳେ ଦୁଆ ଫଳପ୍ରଦ ହୋଇ ନଥାଏ ।

ଯଦି ଆପଣମାନେ ପ୍ରଭୁଙ୍କୁ ପ୍ରସନ୍ନ କରିବା ସକାଶେ ଏହି ଦିନକୁ ପ୍ରାର୍ଥନାରେ ଅତିବାହିତ କରିବାକୁ ଚାହାନ୍ତି ତେବେ ଏହି ଶପଥ ନେଇ ନିଜର ସମୟ ଅତିବାହିତ କରନ୍ତୁ ଯେ, ବର୍ତ୍ତମାନ ଏହି ତିନି ଦିନ ଆମ ଜୀବନର ଏକ ଦୈନନ୍ଦିନ ତଥା ସାର୍ବକାଳୀନ ଅଂଶ ପାଲଟିଯାଉ । ପୁନଶ୍ଚ ବିରୋଧୀମାନେ ଆମମାନଙ୍କୁ ଯେଉଁ ଦୁଃଖକଷ୍ଟ, ନିର୍ଯାତନା ଦେଉଛନ୍ତି ତାହାକୁ ଦୂରୀଭୂତ କରିବା ନିମନ୍ତେ ଅଲ୍ଲାଃତାଲା ନିଜର ବିଶେଷ ସାହାଯ୍ୟ ଓ ସମର୍ଥନ ପ୍ରକାଶିତ କରନ୍ତୁ । اِنْ شَآءَ اللّٰهُ।

ଆମେମାନେ ଯେତେବେଳେ ଅଲ୍ଲାଃତାଲାଙ୍କର ହୋଇଯିବୁ ସତେବେଳେ ଅଲ୍ଲାଃତାଲା ନିଜର ପ୍ରତିଶୃତି ଅନୁଯାୟୀ ଆମମାନଙ୍କର ବନ୍ଧୁ ହଇଯାଆନ୍ତୁ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ମୁଁ ଏହା ମଧ୍ୟ କହିଥିଲି ଯେ, ଜମାଅତ୍‌ର ପ୍ରତ୍ୟେକ ସଦସ୍ୟ ବୃନ୍ଦ ନିଜ ମଧ୍ୟରେ ଏପରି ଅବସ୍ଥା ସୃଷ୍ଟି କରନ୍ତୁ । ତେବେଯାଇ ବିପ୍ଳବ ସୃଷ୍ଟି ହଇପାରିବ ।

ସୁତରାଂ ଏହା ମଧ୍ୟ ସ୍ମରଣ ରଖନ୍ତୁ ଯେ, ଯଦି ଏହି ଅବସ୍ଥା ସୃଷ୍ଟି ହେଉ ନାହିଁ ତେବେ ତିନି ଦିନ ପରେ ଏହା ଭାବନ୍ତୁ ନାହିଁ ଯେଁଉମାନେ ଏହି କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି ଯେ, **ନାଉଜୁ ବିଲ୍ଲାଃ** ଅଲ୍ଲାଃତାଲା ଆମମାନଙ୍କର ପ୍ରାର୍ଥନାକୁ

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

### ନବୀ ସ.ଅଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱଲହୁ** ପଢିନେଉ।"

(ତିର୍ମିଜି କିତାବୁଲ୍ ଅତଅମା )

ତାଲିବେ ଦୁଆ: Sarwar Khan & Family, Jamat Ahmadiya
Kerang, Darul Fazal (Odisha)

ଶୁଣୁ ନାହାନ୍ତି ଅବା କୌଣସି ବିପ୍ଳବ ସୃଷ୍ଟି ହେବ ନାହିଁ । ଅଲ୍ଲାଃତାଲା ହ. ମସିହ ମଉଦ୍ ଅ.ସଙ୍କ ସହିତ ଏହି ପ୍ରତିଶୃତି କରିଛନ୍ତି ଯେ, ସେ ଆପଣ ଅ.ସ ଓ ଆପଣଙ୍କ ଜମାଅତ୍‌କୁ ଯଥାଶୀଘ୍ର ଅବା କିଛିକାଳ ପରେ ଅବଶ୍ୟ ବିଜୟ ବିମଣ୍ଡିତ କରିବେ । ହଁ ଯଦି ଆମେମାନେ لَا اِلٰهَ اِلَّا اللّٰهُ ର ବାସ୍ତବତାକୁ ହୃଦୟଙ୍ଗମ କରି କେବଳ ପ୍ରଭୁଙ୍କୁ ହିଁ ନିଜର ପରମ ଉପାସ୍ୟ, ପରମ ଆରାଧ୍ୟ, ପ୍ରିୟତମ ତଥା ମୂଳ ଅଭିପ୍ରାୟ ରୂପେ ବରଣ କରିନେଉ ଏବଂ ସଂସାର ତୁଳନାରେ ଅଲ୍ଲାଃତାଲା ଯଦି ଆମମାନଙ୍କର ଅଧିକ ପ୍ରିୟତମ ହୋଇଯାଆନ୍ତି, ପ୍ରଭୁ ହିଁ ଆମମାନଙ୍କର ପରମ ଅଭିପ୍ରାୟ ହୁଅନ୍ତି ତେବେ ଖୁବ୍ ଶୀଘ୍ର ଏକ ମହା ବିପ୍ଳବ ସୃଷ୍ଟି ହୋଇପାରିବ ।

ଅଲ୍ଲାଃତାଲା ବେନିଆଜ୍ (ନିସ୍ପୃହ ଓ ସ୍ୱଚ୍ଛନ୍ଦ) ଅଟନ୍ତି । ତାହାଙ୍କ କଥନାବଳୀରେ ମଧ୍ୟ ସର୍ତ୍ତାବଳୀ ନିହିତ ହୋଇଥାଏ । ସୁତରାଂ ଆମମାନଙ୍କୁ ନିଜ ଅବସ୍ଥାରେ ନିରନ୍ତର ପରିବର୍ତ୍ତନ କରିବାର ଶପଥ ନେବା ଉଚିତ । ଆଁହଜରତ ସ.ଅଙ୍କର ଆଦେଶ ରହିଛି ଯେ, ରମଜାନ୍ ମାସରେ ଶେଷ ଦଶ ଦିନ ନିର୍କାଗ୍ନିରୁ ମୋକ୍ଷ ପ୍ରାପ୍ତ କରିବାର ଦିନ ଅଟେ । **(ଆଲ୍ ଜାମେଉଶ୍ ଶାଆବୁଲ୍ ଇମାନ୍, ଭାଗ-5, ପୃ-224 223, ଫଜାଏଲି ଶହରୁ ରମ୍‌ଜାନ୍, ହଦିସ୍ ନଂ-3336, ମକ୍‌ତବତୁର୍ ରଶ୍ଵାଦ୍ ଅର୍ ରିୟାଜ୍ -2003 ମସିହା)**

ପୁନଶ୍ଚ ଯେପରିକି ବର୍ଣ୍ଣିତ ହୋଇଛି ଯେ, ଯେଉଁ ବ୍ୟକ୍ତି لَا اِلٰهَ اِلَّا اللّٰهُ مُحَمَّدٌ رَّسُوْلُ اللّٰهِ ସହୃଦୟ ହୋଇ ପାଠ କଲା ତା' ଉପରେ ନର୍କାଗ୍ନି ଅବୈଧ ହୋଇଗଲା। ସୁତରାଂ ଉପରୋକ୍ତ କଥାଗୁଡ଼ିକ ଏହି ଆଡ଼କୁ ଧ୍ୟାନ ଆକର୍ଷିତ କରିଥାଏ ଯେ, ମନୁଷ୍ୟ ଅବଶ୍ୟ କର୍ମ ସମ୍ପାଦନ କରିବା ଉଚିତ୍ ଓ ନିୟମିତ ତଥା ସାର୍ବକାଳୀନ କର୍ମ ସମ୍ପାଦନ କରିବା ଉଚିତ୍ । ଯେପରିକି ହ. ମସିହ୍ ମଉ ଦ୍‌ଅ.ସ ମଧ୍ୟ କହିଛନ୍ତି ଯେ, لَا اِلٰهَ اِلَّا اللّٰهُ مُحَمَّدٌ رَّسُوْلُ اللّٰهِ କହିବା ସହିତ କର୍ମ କରିବା ମଧ୍ୟ ନିତ୍ୟାନ୍ତ ଆବଶ୍ୟକ ଅଟେ । ସୁତରାଂ ଏହି ଶେଷ ଦଶ ଦିନରୁ ପୂର୍ଣ୍ଣ ରୂପେ ଲାଭାନ୍ୱିତ ହେବା ନିମନ୍ତେ ପୂର୍ଣ୍ଣ ରୂପେ ଲୈଲତୁଲ୍ କଦର୍ ପ୍ରାପ୍ତ କରିବା ନିମନ୍ତେ ଆମମାନଙ୍କୁ لَا اِلٰهَ اِلَّا اللّٰهُ مُحَمَّدٌ رَّسُوْلُ اللّٰهِ ର ବାଣୀକୁ ନିଜ ମନ ମସ୍ତିଷ୍କର ସ୍ୱର କରିବାକୁ ହେବ, ନିଜର ପ୍ରତ୍ୟେକ କର୍ମ ଉପରେ ଏହାକୁ ଲାଗୁ କରିବାକୁ ହେବ । ଯେପରି ହ. ମସିହ୍ ମଉଦ୍ ଅ.ସ କହିଛନ୍ତି । ଅଲ୍ଲାଃତାଲା ଆମମାନଙ୍କୁ ତଦନୁଯାୟୀ ନିଜର ଜୀବନକୁ ଅତିବାହିତ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

ଖୁତ୍‌ବା ଶେଷରେ ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହି ଦିନମାନଙ୍କରେ ସଂସାରରେ ସାମୂହିକ ଶାନ୍ତି ପ୍ରତିଷ୍ଠା ହେବା ନିମନ୍ତେ ମଧ୍ୟ ପ୍ରାର୍ଥନା କରୁ ଥାଆନ୍ତୁ। ଅଲ୍ଲାଃତାଲା ମାନବ ଜାତି ଉପରେ ଦୟାବତୀର୍ଣ୍ଣ କରନ୍ତୁ । ଆମିନ୍ ।

☆ ☆ ☆

## (ଖୁତ୍‌ବା ଜୁମା)

"ପ୍ରକୃତ ଧର୍ମପରାୟଣତା ସହିତ ମୂର୍ଖତା ଏକତ୍ରିତ ହୋଇପାରିବ ନାହିଁ ।" (ହ. ମସିହ୍ ମଉଦ୍ ଅ.ସ)

**ଆମମାନଙ୍କୁ ଏହି ଶପଥ ଓ ଦୁଆ କରିବା ଉଚିତ୍ ଯେ, ଅଲ୍ଲାଃତାଲା ଆମମାନଙ୍କର ଦୋଷ ଦୁର୍ବଳତାକୁ ଅଣଦେଖା କରନ୍ତୁ, ଆମମାନଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ ଓ ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଅଲ୍ଲାଃତାଲା ଆମମାନଙ୍କ ଠାରୁ ଯାହା ଚାହୁଁଛନ୍ତି ତଦନୁଯାୟୀ ଆମେମାନେ ନିଜର ଜୀବନକୁ ସେହି ମାର୍ଗ ଅନୁଯାୟୀ ପରିଚାଳିତ କରାଇବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।**

ପ୍ରକୃତ ବସ୍ତୁ ହେଉଛି ଧର୍ମପରାୟଣତା, ପ୍ରକୃତ ବସ୍ତୁ ହେଲା ନିରନ୍ତର ସ୍ପୃହା ମାଧ୍ୟମରେ ଈଶ୍ୱରଙ୍କ ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରିବା, ପ୍ରକୃତ ବସ୍ତୁ ହେଉଛି ଅଲ୍ଲାଃତାଲାଙ୍କର ଭୟ ଓ ତାହାଙ୍କ ପ୍ରସନ୍ନତା ତଥା ଅନୁଗ୍ରହ ପ୍ରାପ୍ତି ।

**ଆମେମାନେ ଯେତେବେଳେ ସ୍ୱୟଂ ନିଜର ଜୀବନକୁ ଧର୍ମପରାୟଣତା ମାର୍ଗରେ ପରିଚାଳିତ କରାଇବୁ ଓ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ତଥା ତାହାଙ୍କୁ ଅନୁଗ୍ରହତା ପ୍ରାପ୍ତି ନିମନ୍ତେ ଜୀବନ ଅତିବାହିତ କରୁଥିବୁ ତେବେ ସେପରିପ୍ରେକ୍ଷୀରେ ଆମେମାନେ ନିଜର ସନ୍ତାନ ସନ୍ତତି ଏବଂ ଆଗାମୀ ବଂଶଧରମାନଙ୍କ ସମ୍ମୁଖରେ ମଧ୍ୟ ଉଦାହରଣ ଉପସ୍ଥାପିତ କରିପାରିବୁ । ଏହା ଦ୍ୱାରା ପୁଣ୍ୟାବଳୀର ନବ ଜାଗରଣ ଗୋଟିଏ ପିଢୀରୁ ଅନ୍ୟ ପିଢୀ ପର୍ଯ୍ୟନ୍ତ ବ୍ୟାପୀ ଚାଲିବ ।**

ରମଜାନ ମାସରେ ଧର୍ମପରାୟଣତାର ସ୍ତରକୁ ପ୍ରାପ୍ତ କରିବା ନିମନ୍ତେ ଅଲ୍ଲାଃତାଲା ଆମମାନଙ୍କ ପାଇଁ ଏକ ସାଂସ୍କାରିକ ପରିବେଶର ବ୍ୟବସ୍ଥା କରିଛନ୍ତି । କିନ୍ତୁ ତାହା ଏଇଥିପାଇଁ ଯେ, ପ୍ରତ୍ୟେକ ରମଜାନ ମାସ ପରେ ଆମେମାନେ ଧର୍ମପରାୟଣତାର ପରବର୍ତ୍ତୀ ଓ ଉଚ୍ଚତର ସ୍ତରକୁ ପ୍ରାପ୍ତ କରି ଚାଲିଥିବୁ, ନା କି ଏଇଥିପାଇଁ ରମଜାନ ମାସ ପରେ ଆମେମାନେ ପୁନଃ ନିମ୍ନ ସ୍ତର ଖସି ଆସିବୁ ।

**ଆମମାନଙ୍କୁ ସର୍ବଦା ସ୍ମରଣ ରଖିବା ଉଚିତ୍ ଯେ, ଏହି ଯୁଗ ହେଉଛି ବିଶେଷ କରି ସୈତାନୀ ପ୍ରବଞ୍ଚନାର ଯୁଗ ଏବଂ ସେ ନିଜର ସମସ୍ତ ଯୋଜନା, ଆଳ ଓ ମାୟାଜାଲ ଅସ୍ତ୍ର ମାଧ୍ୟମରେ ଆକ୍ରମଣ କରୁଅଛି । ଏହା ଏଭଳି ଭୟଙ୍କର ଅକ୍ରମଣ ଯେ, ଏହାର ଦୃଷ୍ଟାନ୍ତ ପୂର୍ବେ କେବେ ଦେଖିବାକୁ ମିଳୁ ନଥିଲା । ଅତଏବ୍ ଏହିଭଳି ପରିସ୍ଥିତିରେ ଆମମାନଙ୍କୁ ପ୍ରଭୁଙ୍କ ଆଡ଼କୁ ପୂର୍ବାପେକ୍ଷା ଅଧିକ ଆନତ ହେବାର ଆବଶ୍ୟକତା ରହିଛି ।**

ପ୍ରତ୍ୟେକ ପ୍ରକାରର ସମସ୍ୟା ଓ ପ୍ରତ୍ୟେକ ପ୍ରକାରର ବିପତ୍ତି ଠାରୁ ସୁରକ୍ଷିତ ରହିବାର ଏକମାତ୍ର ପଥ୍ୟ ହ. ମସିହ୍ ମଉଦ୍ ଅ.ସ ଆମମାନଙ୍କୁ କହିଛନ୍ତି । ତାହା ଏହିକି ଯେ, ଆପଣ ଅ.ସ କୁହନ୍ତି "ତୁମେମାନେ ମୋ ଶିକ୍ଷାନୁଯାୟୀ ନିଷ୍ପାପର ହୋଇ ପ୍ରଭୁଙ୍କ ଶରଣାପନ୍ନ ହେବା ନିମନ୍ତେ ପ୍ରୟାସ କର ଓ ପୁନଶ୍ଚ ଦେଖ ଅଲ୍ଲାଃତାଲା କିପରି ତୁମେମାନଙ୍କୁ ସୈତାନ୍ ଓ ଦଜ୍ଜାଲ୍ (ପ୍ରବଞ୍ଚକ) ଆକ୍ରମଣରୁ ଉଦ୍ଧାର କରିବେ ।"

### ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

**ତାଲିବେ ଦୁଆ:** Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO RN 2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.) INDIA
Postal Reg. No.GDP-40/2023-2025 Vol. 8 Thursday 07-DECEMBER 2023 Issue No.-49

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ଦୁଆରେ ଏକପ୍ରକାରର ଚୁମ୍ବକୀୟ ପ୍ରଭାବ ଥାଏ । ଏହା ପ୍ରଭୁଙ୍କର କୃପା ଓ ତାହାଙ୍କ କଲ୍ୟାଣକୁ ନିଜ ଆଡ଼କୁ ଆକର୍ଷିତ କିରଥାଏ ।**

ମନେରେଖ ! ନମାଜ୍ ଏଭଳି ଏକ ବସ୍ତୁ ଅଟେ ଯେ, ଏହା ଦ୍ୱାରା ଇହକାଳ ଓ ପରକାଳ ଶୃଙ୍ଖଳିତ ହୋଇଯାଇଥାଏ ।

**ଏହା ଆମମାନଙ୍କର ସୌଭାଗ୍ୟ ଯେ, ଆମେମାନେ ନିଜର ଉପାସନାର ସ୍ତରକୁ ଉର୍ଦ୍ଧ୍ୱଗାମୀ କରାଇ ନିଜର ଅବସ୍ଥାକୁ ଶୃଙ୍ଖଳିତ କରି ସେହି ଲୋକମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଯିବୁ ଯେଁଉମାନେ ହ. ମସିହ୍ ମଉଦ୍ ଅ.ସଙ୍କ ଜମାଅତ୍‌ରେ ସାମିଲ୍ ହେବାର ଦାୟିତ୍ୱ ନିର୍ବାହକାରୀ ଅଟନ୍ତି ।**

ତୁମମାନଙ୍କ ପକ୍ଷେ ଏହା ଉଚିତ୍ ହେବ ଯେ, ତୁମମାନଙ୍କର ଦିନ ଓ ରାତି କିମ୍ବା ସେ ଯେକୌଣସି ସମୟ ହେଉ ନା କାହିଁକି ତାହା ଦୁଆ ଶୂନ୍ୟ ନହେଉ । (ହ.ମ ମସିହ୍ ମଉଦ୍ ଅ.ସ)

**ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ବ୍ରହ୍ମଜ୍ଞାନ ସମ୍ପନ୍ନ ଉପଦେଶାବଳୀ**
**ପ୍ରକାଶରେ ଧର୍ମପରାୟଣତାର ରୋଚକ ତଥ୍ୟର ବର୍ଣ୍ଣନା ଓ ତାହାର ପ୍ରାପ୍ତି ନିମନ୍ତେ ବିଶ୍ୱାସକାରୀମାନଙ୍କୁ ଆହ୍ୱାନ ।**

(ପାକିସ୍ତାନ ଓ ବିଶ୍ୱବ୍ୟାପୀ ଅହେମଦିମାନଙ୍କ ନିମନ୍ତେ ଦୁଆ କରିବାକୁ ହୁଜୁର ଅନଓ୍ୱର୍ ଅ.ବଙ୍କ ଆହ୍ୱାନ)
ତିନି ଚାରି ଦିନ ଅବା ଗୋଟିଏ ସପ୍ତାହେ ଦୁଆ କଲେ ଚଳିବ ନାହିଁ ବରଂ ସର୍ବଦା ଦୁଆ କରନ୍ତୁ ।

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 21 April 2023 ମସିହା ଅନୁଯାୟୀ ୨୧ ଶାହାଦତ୍ / ୧୪୦୨ସ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

**أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَ رَسُوْلُهُ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّاكَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ ۔صِرَاطَ الَّذِيْنَ اَنْعَمْتَ عَلَيْهِمْ ۔غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ; ଆଜି ରମଜାନ୍ ମାସର ଶେଷ ଜୁମା (ଶୁକ୍ରବାର) ରମ୍‌ଜାନ୍ ମାସ ଅତିବାହିତ ହୋଇଗଲା । ତେବେ ଏଭଳି ଅନେକ ଲୋକମାନେ ଅଛନ୍ତି ଯେଉଁମାନେ ରମ୍‌ଜାନ୍ ମାସରେ ଉପାସନା ସମ୍ପଦାନ କରି ନିଜ ମଧ୍ୟରେ ଏକ ଅଭୂତପୂର୍ବ ପରିବର୍ତ୍ତନ ସୃଷ୍ଟି କରିବା ପାଇଁ ନାନା ପ୍ରକାରର ଯୋଜନା ପ୍ରସ୍ତୁତ କରିଥିବେ । କିନ୍ତୁ ଅନେକ ଲୋକମାନେ ମୋତେ ପତ୍ର ଲେଖି ଜଣାନ୍ତି ଯେ, ହୁଜୁର ଆମେମାନେ ଯେପରି ଯୋଜନା ପ୍ରସ୍ତୁତ କରିଥିଲୁ ତଦନୁଯାୟୀ କାର୍ଯ୍ୟକାରୀ କରିପାରିଲୁ ନାହିଁ । ହୁଜୁର ଅନ୍‌ୱର୍ ଅ.ବ କହିଲେ, "**ଶୁକ୍ରବାର ଦିନ ହେଉଛି ଏଭଳି ଏକ କଲ୍ୟାଣମୟ ଦିନ ଯେଉଁ ଦିନରେ ଏଭଳି ଏକ ମୁହୂର୍ତ୍ତ ଆସିଥାଏ ଯେ, ଯହିଁରେ ଭକ୍ତର ପ୍ରାର୍ଥନା ସ୍ୱୀକୃତ ହୋଇଥାଏ ।" (ସହିହୁଲ୍ ବୁଖାରୀ, କିତାବୁଲ୍ ଜୁମା, ବାବ- ଅସ୍ ସାଆତୁଲ୍ ଲତି ଫି ୟୌମଲ୍ ଜୁମୁଅତି, ହଦିସ୍ ନଂ-935)**

ସୁତରାଂ ଆମେମାନେ ରମ୍‌ଜାନ୍ ମାସ ଯେପରି ଅତିବାହିତ ହେବାର ଅଭିଳାଷା କରିଥିଲୁ ଯଦି ତାହା ସେପରି ଅତିବାହିତ ହୋଇ ନାହିଁ ଅବା ଯେପରି ଜଣେ ବିଶ୍ୱାସକାରୀକୁ ଅତିବାହିତ କରିବାର ଆବଶ୍ୟକତା ଥିଲା ସେ ସେପରି ଅତିବାହିତ କରି ନାହିଁ ତେବେ ସେ ପରିପ୍ରେକ୍ଷୀରେ ଆଜି ଆମମାନଙ୍କୁ ଏହି ଶେଷ ଦିନରେ ଏହି ଶପଥ ନେବା ଉଚିତ ଓ ଦୁଆ (ପ୍ରାର୍ଥନା) କରିବା ଉଚିତ ଯେ, ହେ ଅଲ୍ଲାଃତାଲା ! ତୁମ୍ଭେ ଅଶେଷ ଦୟାବାନ ଅଟ । ଆମ୍ଭମାନଙ୍କର ଦୋଷତ୍ରୁଟିକୁ କ୍ଷମା କରିଦିଅ, ଆମ ଉପରେ ଦୟାବତୀର୍ଣ୍ଣ କର, ଆମକୁ ଶକ୍ତି ପ୍ରଦାନ କର କି ଆମେ ତୁମ ଆଦେଶାବଳୀ ମୁତାବକ ନିଜର ଜୀବନ ଅତିବାହିତ କରିପାରିବୁ ।

ଅଲ୍ଲଃତାଲା ଅଶେଷ ଦୟାବାନ ଓ ପରମ ଦୟାଳୁ ଅଟନ୍ତି । ସେ ଆମମାନଙ୍କର ଦୁଆକୁ ସ୍ୱୀକାର କରିବା ନିମନ୍ତେ ଏହା କହିଲେ ନାହିଁ ଯେ, ରମଜାନ ମାସରେ ଶୁକ୍ରବାର ଦିନ ଏଭଳି ଏକ ବେଳ ଆସିଥାଏ ଯହିଁରେ କେବଳ ଦୁଆ ସ୍ୱୀକୃତ ହୋଇଥାଏ, ସେହି ଦିନ ଦୁଆ କର ଆଉ ଅନ୍ୟ ଦିନରେ ଦୁଆ କର ନାହିଁ ତାହା ନୁହେଁ, ବରଂ ଶୁକ୍ରବାର ଦିନର ସାଧାରଣ ବିଶେଷତା ସଂକ୍ରାନ୍ତରେ ବର୍ଣ୍ଣନା କରିଛନ୍ତି । ଅତଏବ ଆଜି ଆମେମାନେ ଯଦି ନିଜର ଦୁଆରେ ଏହି ଶପଥ କରୁ କି ଆମେମାନେ ଉକ୍ତ ରମ୍‌ଜାନ୍ ମାସ ପରେ ମଧ୍ୟ ନିଜର ଧର୍ମପରାୟଣତାର ସ୍ତରକୁ ବୃଦ୍ଧି କରୁଥିବୁ ଓ ତେବେ ସେଥି ନିମନ୍ତେ ଆମମାନଙ୍କୁ ପ୍ରୟାସ ମଧ୍ୟ କରିବାକୁ ପଡ଼ିବ ଏବଂ ଅଲ୍ଲାଃତାଲାଙ୍କର ସାମୀପ୍ୟତା ପ୍ରାପ୍ତ କରିବା ନିମନ୍ତେ ଉଦ୍ୟମ ମଧ୍ୟ କରିବାକୁ ପଡ଼ିବ । ଆସନ୍ତା ଶୁକ୍ରବାର ଦିନ ପର୍ଯ୍ୟନ୍ତ ନିଜର ଉପାସନାକୁ ଅଲ୍ଲାଃତାଲାଙ୍କ ସକାଶେ ସମର୍ପିତ କରି ସମ୍ପାଦନ କରିବାକୁ ହେବ । ପୁନଶ୍ଚ ଶୁକ୍ରବାରର ମଧ୍ୟବର୍ତ୍ତୀ ସମୟକୁ ନିଜର ଉପସାନା ଓ ପୁଣ୍ୟକର୍ମ ଦ୍ୱାରା ସଜ୍ଜିତ କରିବା ପାଇଁ ମଧ୍ୟ ଉଦ୍ୟମ କରିବାକୁ ହେବ । ସଂସାରକୁ ଧର୍ମ ଉପରେ ପ୍ରାଧାନ୍ୟ ଦେବାକୁ ହେବ । ଆମେମାନେ ରମ୍‌ଜାନ୍ ମାସରେ ଯେଉଁ ରଣନୀତି ପ୍ରସ୍ତୁତ କରିଥିଲୁ ଯେ, ନିଜ ମଧ୍ୟରେ ଏକ ପବିତ୍ର ପରିବର୍ତ୍ତନ ସୃଷ୍ଟି କରିବୁ, ତାହାକୁ କାର୍ଯ୍ୟକାରୀ କରିବା ପାଇଁ ଆଗାମୀ ରମ୍‌ଜାନ୍ ମାସ ପର୍ଯ୍ୟନ୍ତ ଆମେମାନଙ୍କୁ ପ୍ରୟାସ ଜାରି ରଖିବାକୁ ହେବ । ଯାହାକି କୌଣସି କାରଣ ବଶତଃ ଆମେ କାର୍ଯ୍ୟକାରୀ କରିପାରି ନଥିଲୁ। ଅତଃ ଏହା ହେଉଛି ସେହି କର୍ମ ଯାହାକି ପ୍ରକୃତ ଧର୍ମପରାୟଣତା ସୃଷ୍ଟି କରିଥାଏ ।

ଆମେମାନେ ଯେତେବେଳେ ନିଷ୍ଠାପର ହୋଇ ନିଜର ଉପାସନା ଏବଂ ନିଜର କର୍ମକୁ ପ୍ରଭୁଙ୍କ ପ୍ରସନ୍ନତା ସକାଶେ ସମ୍ପାଦନ କରୁଥିବୁ ତେବେ ସେ ପରିପ୍ରେକ୍ଷୀରେ ଅଲ୍ଲାଃତାଲା ଯେକି ଅଶେଷ ଦୟାବାନ ଏବଂ ସଦା କୁରଣାମୟ ଅଟନ୍ତି । **(ଅବଶିଷ୍ଟାଂଶ ପରବର୍ତ୍ତୀ ସଂଖ୍ୟାରେ.............)**

**ନବୀ ସ.ଅଙ୍କ ବାଣୀ:-**

"**ଇଜ୍‌ତନିବୁଲ୍ ଗଜିବା**" ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan